
୧୨ ଅକ୍ଟୋବର ୨୦୨୫ ରବିବାର




# ନାସାରେ ନୈରାଶ୍ୟ



ଆମେରିକାର ମହାକାଶ ସଂସ୍ଥା ନାସା ମହାକାଶ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହି ସଂସ୍ଥା ଦ୍ୱାରା ପ୍ରତିବର୍ଷ ବିଭିନ୍ନ ପ୍ରକଳ୍ପ ଜରିଆରେ ଭିନ୍ନଭିନ୍ନ ମହାକାଶ ପରୀକ୍ଷଣ କରାଯାଇଥାଏ । ତେବେ ନିକଟରେ ନାସା ତାର ସମସ୍ତ ପ୍ରକଳ୍ପକୁ ସ୍ଥଗିତ ରଖିଛି । ଏହାର କାରଣ ଭାବେ ଅର୍ଥାଭାବକୁ ଦର୍ଶା ଯାଇଛି । ସରକାରୀ ସ୍ତରରେ ପ୍ରକଳ୍ପ ପାଇଁ ଫଣ୍ଡିଂ ଦିଆଯାଇ ନଥିବାରୁ ସଂସ୍ଥା ଏଭଳି ନିଷ୍ପତ୍ତି ନେଇଥିବା ଦର୍ଶାଇଛି । ତେବେ କିଛି ଜରୁରୀକାଳୀନ ପ୍ରକଳ୍ପ ଏବେ ମଧ୍ୟ କାର୍ଯ୍ୟକ୍ଷମ ଅଛି । ୨୦୨୫ ଅକ୍ଟୋବର ୧ ତାରିଖରେ ଆମେରିକା ସରକାର ଏକ ବଜେଟ୍ ବିଲ ପାସ କରିବାରେ ଅସମର୍ଥ ହୋଇଥିଲେ । ଯାହାଫଳରେ ନାସାକୁ ତାର ସମସ୍ତ ପ୍ରକଳ୍ପ କାମ ବନ୍ଦ କରିବାକୁ ପଡିଥିଲା । ତେବେ ଦୀର୍ଘ ୬ ବର୍ଷ ପରେ ଏପରି ସ୍ଥିତି ନାସା ପୁଣି ଦେଖିଛି । ଏହାପୂର୍ବରୁ ମଧ୍ୟ ଥରେ ନାସା ତାର ସମସ୍ତ ପ୍ରକଳ୍ପକୁ ସ୍ଥଗିତ ରଖିଥିଲା । ଏହି କାରଣରୁ ବର୍ତ୍ତମାନ ଅନେକ ନାସା କର୍ମଚାରୀଙ୍କୁ ଛୁଟିରେ ରହିବାକୁ ମଧ୍ୟ ପଡିଛି । କେବଳ ଜରୁରୀକାଳୀନ ପ୍ରକଳ୍ପ ପାଇଁ ଯେତିକି ଆବଶ୍ୟକ ଷ୍ଟାଫ ସେତିକିଙ୍କୁ ଧରି ନାସା କାର୍ଯ୍ୟ କରୁଛି । ସେହିଭଳି ଏହାର ପ୍ରଭାବ ନାସାର ଆଗାମୀ ପ୍ରକଳ୍ପ ଉପରେ ମଧ୍ୟ ପଡିଛି । ଏହାର ପ୍ରଭାବରେ କିଛି ପ୍ରକଳ୍ପର ଆରମ୍ଭରେ ଡେରି ହେବ ବୋଲି ସୂଚନା ମିଳିଛି । ସେହିଭଳି ନାସା ଓ ନାସାର ପ୍ରକଳ୍ପ ସହିତ ଜଡିତ ଅନ୍ୟ ବିଭିନ୍ନ ଲୋକ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ତେବେ ଏହା ପ୍ରଥମ ନୁହେଁ ପୂର୍ବରୁ ଅନେକ ଥର ନାସାକୁ ଏଭଳି ସମସ୍ୟା ଦେଖିବାକୁ ପଡିଛି । ସୂଚନା ଅନୁସାରେ ୨୦୧୩, ୨୦୧୮ ଓ ୨୦୧୯ରେ ନାସାର ଗବେଷଣା, ଶିକ୍ଷଣୀୟ ପ୍ରକଳ୍ପ, ଏକାଧିକ ମିସନ ବନ୍ଦ ହୋଇଥିଲା । ଏହାଦ୍ୱାରା ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ ପାଇଁ ଏକ ଅନିଶ୍ଚିତତା ସୃଷ୍ଟି କରିଥିଲା । ଏହାର ପ୍ରଭାବ ଆନ୍ତର୍ଜାତିକ ଗଟବନ୍ଧନ ଉପରେ ମଧ୍ୟ ପଡିଥିଲା । ନାସା ଉପରେ ନିର୍ଭର କରୁଥିବା ଅନେକ ସଂସ୍ଥା ଏଥିପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ । କର୍ମଚାରୀଙ୍କ କ୍ୟାରିୟର ଉପରେ ମଧ୍ୟ ଏହାର ଖରାପ ପ୍ରଭାବ ଦେଖିବାକୁ ମିଳିଥିଲା ।

## ନାସା

ନାସା ବା ନ୍ୟାସନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ ଆଡମିନିଷ୍ଟ୍ରେସନ ଆମେରିକାର ଏକ ସ୍ୱତନ୍ତ୍ର ଏଜେନ୍ସି ଅଟେ ଯାହା ଅନ୍ତରୀକ୍ଷ ଅନ୍ୱେଶଣ ଏବଂ ଏରୋନଟିକ୍ସ, ବୀମାନର ସଞ୍ଚାଳନ ଓ ଡିଜାଇନିଙ୍ଗ ସମ୍ବନ୍ଧିତ କ୍ଷେତ୍ରରେ କାର୍ଯ୍ୟ କରିଥାଏ । ନାସାର ଅନେକ ସଫଳ ମିଶନ ରହିଛି ଯାହା ସବୁବେଳେ ଅନ୍ୟ ସ୍ପେସ ଏଜେନ୍ସିକୁ ପ୍ରେରିତ କରିଥାଏ । ଉଦାହରଣ: ଆଇଏସେସ ଓ ଆପୋଲ ୧୧, ଯିଏ ୧୯୬୯ ମସିହାରେ ଚନ୍ଦ୍ରମାରେ ପ୍ରଥମ ମଣିଷ ରଖିଥିଲା । ନାସାକୁ ୨୯ ଜୁଲାଇ, ୧୯୫୮ ମସିହାରେ ପ୍ରତିଷ୍ଠା କରାଯାଇଥିଲା ।ଏନଏସିଏ ଏକ ଆମେରିକା ସଂଘୀୟ ଏଜେନ୍ସି ଥିଲା ଯାହାର ସ୍ଥାପନ ୩ ମାର୍ଚ୍ଚ, ୧୯୧୫ ମସିହାରେ ବୀମାନ ଅନୁସନ୍ଧାନକୁ ଆରମ୍ଭ କରିବା ଓ ସଂସ୍ଥାଗତ ତିଆରି କରିବା ପାଇଁ କରାଯାଇଥିଲା ।୧ ଅକ୍ଟୋବର ୧୯୫୮ ମସିହାରେ ଏଜେନ୍ସିକୁ ଭାଙ୍ଗି ଦିଆଯାଇଥିଲା । ଏହାର ସମ୍ପତି ଓ କର୍ମୀମାନଙ୍କୁ ନୂତନ ତିଆରି ହୋଇଥିବା ନ୍ୟାସନାଲ ଏରୋନାଟିକ୍ସ ଆଣ୍ଡ ସ୍ପେସ ଆଡମିନିଷ୍ଟ୍ରେସନ (NASA)ରେ ସ୍ଥାନାନ୍ତରିତ କରିଦିଆ ଯାଇଥିଲା । ଅନ୍ତରୀକ୍ଷ ଦୌଡରେ ସୋବିଏତ ସଂଘ ସହିତ ପ୍ରତିସ୍ୱର୍ଦ୍ଧା କରିବା ପାଇଁ ନାସାର ସ୍ଥାପନା କରାଯାଇଥିଲା । ୧୯୫୦ ଓ ୧୯୬୦ ଦଶକରେ ଆମେରିକା ଓ ସୋବିଏତ ସଂଘ ମଧ୍ୟରେ ଏକ ଅନ୍ତରୀକ୍ଷ ଦୌଡ ଥିଲା । ଅକ୍ଟୋବର ୧୯୫୭ ମସିହାରେ ସୋବିଏତ ପ୍ରଥମ ଥର ସ୍ପୁଟନିକ-୧କୁ ଲଞ୍ଚ କରିଥିଲା, ଯାହା ଆମେରିକାକୁ ଚିନ୍ତିତ ଥିଲା । ଏହାପରେ ନାସାର ସ୍ଥାପନ ହୋଇଥିଲା ଯାହା ଆମେରିକାକୁ ମହାକାଶ ଗବେଷଣା କ୍ଷେତ୍ରରେ ଖୁବ ଆଗକୁ ନେଇଥିଲା ।ନାସାଦ୍ୱାରା ଜାରି ହୋଇଥିବା ଏକାଧିକ ଅଭିଜାନରେ ମଙ୍ଗଳ, ଶନି ଓ ପ୍ଲୁଟୋ ସମ୍ବନ୍ଧିତ ମିଶନ ଶାମିଲ

**ମହାକାଶ ଗବେଷଣାରେ ନାସାର ସ୍ଥାନ ସବୁଠାରୁ ଆଗରେ । ଏହାର ପ୍ରକଳ୍ପକୁ ନେଇ ସବୁବେଳେ ଚର୍ଚ୍ଚା ଜାରି ରହିଥାଏ । ନିକଟରେ ନାସା ତାର ସମସ୍ତ ପ୍ରକଳ୍ପକୁ ସ୍ଥଗିତ ରଖିବା ପରେ ସମସ୍ତେ ଦ୍ୱନ୍ଦ୍ୱରେ ପଡିଛନ୍ତି । କଣ ହେବ ନାସାର ଭବିଷ୍ୟତ ।**





ରହିଛି । ଆଗକୁ ଏଥିରେ ବୃହସ୍ପତିର ମିଶନ ସହିତ ଆହୁରି ଅନେକ ମିଶନକୁ ସାମିଲ କରିବା ପାଇଁ ଯୋଜନା ରହିଛି । ମହାକାଶ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ନାସ ଅନେକ ଅଗ୍ରଗତି କରିଥିବା ବେଳେ ଆଗକୁ ଆହୁରି ଅନେକ କାର୍ଯ୍ୟ କରିବାନେଇ ଯୋଜନା ରହିଛି । ନାସାର "ନିୟୁ ହରିଜନ୍ସ"ଅନ୍ତରିକ୍ଷ ଜାନ ଫେବୃଆରୀ ୨୦୦୭ ମସିହାରେ ବୃହସ୍ପତିକୁ ଉଡାଣ ଭରିଥିଲା । ସେହିଭଳି ୧୪ ଜୁଲାଇ ୨୦୧୫ ମସିହାରେ ପ୍ଲୁଟୋଦ୍ୱାରା ଉଡାଣ ଭରିଥିବା ନାସା ଗ୍ରହର ଧରାପୃଷ୍ଠରେ ଉଚ୍ଚ ସଂକଳ୍ପର ଚିତ୍ର ନେଇଥିଲା ଓ ତାହାର ବାୟୁମଣ୍ଡଳର ରସାୟନିକ ଗୁଣର ବିଶ୍ଳେଷଣ କରିଥିଲା । ନାସା ୨୦୦୪ ମସିହାରେ ଘୋଷଣା କରିଥିଲା ଯେ, ତାହା ୨୦୨୦ ପର୍ଯ୍ୟନ୍ତ ଏକ ସ୍ଥାୟୀ ମୁନ ବେସ ତିଆରି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛି । ଅନ୍ୟ ଗବେଷଣା ମଧ୍ୟରେ ୨୦୩୭ ପର୍ଯ୍ୟନ୍ତ ମଙ୍ଗଳ ଗ୍ରହରେ ଏକ ବ୍ୟକ୍ତିକୁ ରଖାଯିବା ଗବେଷଣା ଖୁବ ଚର୍ଚ୍ଚିତ ।

## ନାସାର କାର୍ଯ୍ୟକାରିତା

ନାସା କେବଳ ଯେ ରକେଟ ଲଞ୍ଚ କିମ୍ବା ମହାକାଶକୁ ମାସ ରୋଭର ପଠାଇଥାଏ ତାହା ନୁହେଁ । ଏହାଠାରୁ ଖୁବ ଅଧିକ କାର୍ଯ୍ୟ କରିଥାଏ ନାସା । ଏହା ଉନ୍ନତ ତଥା ଆଧୁନିକ ବିଜ୍ଞାନ, ଟେକ୍ନୋଲୋଜି ଓ ଗ୍ଲୋବାଲ କର୍ପୋରେସନରେ ଖୁବ ସାହାଯ୍ୟ କରିଥାଏ । ବିଭିନ୍ନ ପ୍ରକାର ପ୍ରକଳ୍ପ ସାହାଯ୍ୟରେ ନାସା ଏହି ସମସ୍ତ କ୍ଷେତ୍ରରେ କାମ କରିଥାଏ । ଆସନ୍ତୁ ସେହିଭଳି କିଛି କ୍ଷେତ୍ର ସମ୍ପର୍କରେ ଜାଣିବା ।

## ପରିବେଶ ତତ୍ତ୍ୱାବଧାନ

ନାସାର ଅନେକ ପ୍ରକଳ୍ପ ଏପରି ରହିଥାଏ, ଯାହା ପୃଥିବୀର ବିଭିନ୍ନ ଆଙ୍ଗେଲରେ ମନିଟରିଂ କରିଥାଏ । ଏହି ତାଲିକାରେ ଲାଣ୍ଡସାଟ ମିସନ, ଆର୍ଥ ଅବର୍ସଭିଂ ମିଶନ ଭଳି ପ୍ରକଳ୍ପ ସାମିଲ ଅଛି । ଏହି ପ୍ରକଳ୍ପ ଜରିଆରେ ପରିବେଶ ପରିବର୍ତ୍ତନ କୁ ଟ୍ରାକ କରିବା କାମ ହୋଇଥାଏ । ସେହିପରି ବିଶ୍ୱତାପମାନ ଓ ଗ୍ଲେସିଅର ତରଳିବା ଉପରେ ମଧ୍ୟ ଏହି ସବୁ ପ୍ରକଳ୍ପରେ ନଜର ରଖାଯାଇଥାଏ । ଏହାସହ ଜଙ୍ଗଲ କ୍ଷୟ ତଥା କୃଷିଜାତୀୟ ପରିବର୍ତ୍ତନ ଉପରେ ମଧ୍ୟ ଏହି ସମସ୍ତ ପ୍ରକଳ୍ପ ସହାୟତାରେ ନଜର ରଖାଯାଇଥାଏ । ସମୁଦ୍ର ଭିତରେ ଥିବା କରେଣ୍ଟକୁ ଜାଣିବାରେ, ସମୁଦ୍ର ପତନର ବୃଦ୍ଧି ସମ୍ବନ୍ଧରେ ତଥ୍ୟ ଏହି ସବୁ ପ୍ରକଳ୍ପ ଜରିଆରେ ମିଳିଥାଏ । ସେହିଭଳି ଏହି ପ୍ରକଳ୍ପ ମାଧ୍ୟମରେ ସରକାର ସହିତ ବିଭିନ୍ନ ଅନୁଷ୍ଠାନକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥାଏ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା

ବିଭିନ୍ନ ସମୟରେ ଦେଖିବାକୁ ମିଳୁଥିବା ପାକୃତିକ ବପର୍ଯ୍ୟୟ ସମ୍ବନ୍ଧରେ ମଧ୍ୟ ତଥ୍ୟ ଏହି ପ୍ରକଳ୍ପରୁ ମିଳିଥାଏ । ନାସା ପକ୍ଷରୁ ଏଭଳି ଅନେକ ପ୍ରୋଜେକ୍ଟ ହୋଇଥାଏ ଯାହା ଏହି ସୂଚନା ଦେଇଥାଏ । ସାଟେଲାଇଟ ସାହାଯ୍ୟରେ ଉଠାଯାଉଥିବା ଫଟୋରୁ ହରିକେନ୍, ଜଙ୍ଗଲନିଆଁ, ବନ୍ୟା, ଆଗ୍ନେୟଗିରି ଉଦ୍ଗୀରଣ ସମ୍ପର୍କରେ ତଥ୍ୟ ମିଳିପାରୁଛି । ସେହିଭଳି ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ସରିବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ମଧ୍ୟ ଏହି ସାଟେଲାଇଟ ଗୁଡ଼ିକୁ ବ୍ୟବହାର କରାଯାଉଛି । କେଉଁଠି କଣ କ୍ଷତି ହୋଇଛି ଏବଂ କିଭଳି ଏହାର ଉଦ୍ଧାର କାର୍ଯ୍ୟ କରାଯିବ ସେନେଇ ଏହି ତଥ୍ୟକୁ ବ୍ୟବହାର କରାଯାଇଥାଏ ।

## ବୈଜ୍ଞାନିକ ଉଦ୍ଭାବନ

ନାସାର ଅନେକ ପ୍ରକଳ୍ପ ଏଭଳି ରହିଛି , ଯାହା କେବଳ ବୈଜ୍ଞାନିକ ଉଦ୍ଭାବନ ପାଇଁ ଡିଜାଇନ କରାଯାଇଥାଏ । ଏହାଦ୍ୱାରା ମହାକାଶ ସମ୍ପର୍କରେ ଅନେକ ତଥ୍ୟ ମିଳିଥାଏ । ଏହାଦ୍ୱାରା ବ୍ଲାକହୋଲ, ସମସ୍ତଗ୍ରହ, ଉପଗ୍ରହ, ଚନ୍ଦ୍ର, ସୂର୍ଯ୍ୟ, ସୌର ମଣ୍ଡଳ ସମ୍ପର୍କରେ ଅନେକ ତଥ୍ୟ ଜଣା ପଡିଥାଏ । ଏହା ବୈଜ୍ଞାନିକଙ୍କୁ ବିଭିନ୍ନ ପ୍ରକଳ୍ପରେ ସହାୟତା କରିଥାଏ ।

## ସ୍ୱାସ୍ଥ୍ୟ

ନାସାର ବିଭିନ୍ନ ପ୍ରକଳ୍ପ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମରେ ମଧ୍ୟ ସହାୟକ ହୋଇଥାଏ । ଏହାର ହ୍ୟୁମାନ ରିସର୍ଚ୍ଚ ପ୍ରୋଗାମ ଏବଂ ବିଭିନ୍ନ ବାୟୋମେଡିକାଲ ଏକ୍ସପେରିମେଣ୍ଟ ସହାୟତାରେ ବିଭିନ୍ନ ସମ୍ପର୍କରେ ଅଧିକ ଗବେଷଣା କରାଯାଉଛି । ସେହିଭଳି ମହାକାଶରେ ମଣିଷଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ଅଧିକ ତଥ୍ୟା ଏହି ମହାକାଶ ଗବେଷଣାରୁ ମିଳିଥାଏ । ଏହି ସମସ୍ତ ତଥ୍ୟକୁ ବ୍ୟବହାର କରି ବିଭିନ୍ନ ପ୍ରକାର ଚିକିତ୍ସାରେ ବ୍ୟବହାର କରାଯାଉଛି ।






# ଭିନ୍ନଦେଶର ମହାକାଶ ସଂସ୍ଥା

**ଆମେରିକା ଭଳି ବିଶ୍ୱର ବିଭିନ୍ନ ଦେଶରେ ସମସ୍ତଙ୍କର ନିଜସ୍ୱ ମହାକାଶ ସଂସ୍ଥା ରହିଛି । ଯେଉଁଗୁଡିକ ମହାକାଶରେ ଏକାଧିକ ପ୍ରକଳ୍ପର ପରିଚାଳନା କରନ୍ତି । ଆସନ୍ତୁ ଜାଣିବା ସେହିଭଳି କିଛି ସଂସ୍ଥାଙ୍କ ସମ୍ପର୍କରେ ସଂକ୍ଷେପରେ ।**

## ରସ୍କୋମୋସ

ରୁଷର ମାହାକାଶ ସଂସ୍ଥାର ନାମ ହେଲା ରସ୍କୋମୋସ । ଏହାକୁ ୧୯୯୨ ମସିହାରେ ପ୍ରତିଷ୍ଠା କରାଯାଇଥିଲା । ଯେଉଁଠାରୁ ସୋଭିଏତ ସ୍ପେସ ପ୍ରୋଗ୍ରାମର ମୂଳଦୁଆ ପଡିଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ମସ୍କୋରେ ଅବସ୍ଥିତ । ଏହି ସଂସ୍ଥାର ପ୍ରଥମ ସାଟେଲାଇଟ ସ୍ପୁଟିନିକ ମହାକାଶ ଗସ୍ତ କରିଥିଲା । ଏହି ସଂସ୍ଥା ସାଟେଲାଇଟ ଲଞ୍ଚ, ହ୍ୟୁମାନ ସ୍ପେସଫ୍ଲାଇଟ ଓ ଗ୍ରହସମ୍ବନ୍ଧୀୟ ପ୍ରକଳ୍ପ ପରିଚାଳନା କରିଥାଏ ।

## ଇସ୍ରୋ

୧୯୬୯ରେ ପ୍ରତିଷ୍ଠା ହୋଇଥିଲା ଭାରତର ମହାକାଶ ସଂସ୍ଥା ଇସ୍ରୋ (ଇଣ୍ଡିଆନ ସ୍ପେସ ରିସର୍ଚ୍ଚ ଅର୍ଗାନାଇଜେସନ) । ଏହାର ମୁଖ୍ୟ କାର୍ଯ୍ୟଳୟ ବାଙ୍ଗାଲୋରରେ ରହିଛି । ଇସ୍ରୋ ମୁଖ୍ୟତ ଚନ୍ଦ୍ର, ମଙ୍ଗଳ ଆଦିରେ କାର୍ଯ୍ୟ କରିଥାଏ । ରକେଟ ଲଞ୍ଚିରେ ମଧ୍ୟ ଇସ୍ରୋର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ରହିଛି । ଏହାର ପିଏସ୍ଏଲ୍ଭି ଓ ଜିଏସଏଲଭି ରକେଟ ଖୁବ ପରିଚିତ । ଚନ୍ଦ୍ରଯାନ ୩ ଏହାର ସବୁଠାରୁ ବଡ ମିଶନ । ଇସ୍ରୋକୁ ପ୍ରତିଷ୍ଠା କରିବାରେ ଡକ୍ଟର ବିକ୍ରମ ଅମ୍ବାଲାଲ୍ ସରାଭାଇଙ୍କର ଉଲ୍ଲେଖନୀୟ ଯୋଗଦାନ ଯୋଗୁ ତାଙ୍କୁ ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବୋଲି କୁହାଯାଏ । ଭାରତର ପ୍ରଥମ କୃତ୍ରିମ ଉପଗ୍ରହ "ଆର୍ଯ୍ୟଭଟ୍ଟ" ଇସ୍ରୋଦ୍ୱାରା ପ୍ରସ୍ତୁତ ହୋଇଥିଲା । ବିଗତ ଦିନରେ ମହାକାଶ ଗବେଷଣାରେ ଅନେକ ମାଇଲଷ୍ଟୋନ ପ୍ରତିଷ୍ଠା କରିଛି ଇସ୍ରୋ । ଆଗକୁ ମଧ୍ୟ ଖୁବ ଭଲଭଲ ପ୍ରକଳ୍ପ ଇସ୍ରୋ ପକ୍ଷରୁ ଲଞ୍ଚ ଅପେକ୍ଷାରେ ରହିଛି ।

## ୟୁରୋପିଆନ ସ୍ପେସ ଏଜେନ୍ସି

ଏହାର ପ୍ରତିଷ୍ଠା ୧୯୭୫ରେ କରାଯାଇଥିଲା, ଯାହାର ମୁଖ୍ୟ କାର୍ଯ୍ୟାଳୟ ପ୍ୟାରିସ ଓ ଫ୍ରାନ୍ସରେ ରହିଛି । ଏହି ସଂସ୍ଥାରେ ୨୨ଟି ଦେଶ ସଦସ୍ୟ ଅଛନ୍ତି । ମୁଖ୍ୟତ ଏହି ସଂସ୍ଥା ମଙ୍ଗଳ ଗ୍ରହ, ପୃଥିବୀ ଉପରେ ବିଭିନ୍ନ ଗବେଷଣା କରିଥାଏ । ସେହିଭଳି ଏହି ସଂସ୍ଥା ଅନ୍ୟ ଦେଶଙ୍କ ସହିତ କୋଲାବ୍ରେସନ କରି ବିଭିନ୍ନ ପ୍ରକଳ୍ପର ପରିଚାଳନା କରିଥାଏ ।

## ସିଏନ୍ଏସଏ


ଚୀନର ଏହି ମହାକାଶ ସଂସ୍ଥାର ସ୍ଥାପନା ୧୯୯୩ରେ ହୋଇଥିଲା । ଏହାର ମୁଖ୍ୟାଳୟ ବେଜିଂରେ ରହିଛି । ଏହାର ସ୍ୱତନ୍ତ୍ର ପରିଚୟ ହେଉଛି ଲୁନାର ଓ ତିନୱେନ ୧ ମାର୍ସ ମିଶନ । ଏହାର ମଧ୍ୟ ଆଗକୁ ଅନେକ ପ୍ରୋଜେକ୍ଟ ରହିଛି ଲଞ୍ଚ ଅପେକ୍ଷାରେ ।

## ଜାକ୍ସା

ଜାପାନର ଜାକ୍ସା ବା ଜାପାନ ଏରୋସ୍ପେସ ଏକ୍ସପ୍ଲୋରେସନ ଏଜେନ୍ସିର ସ୍ଥାପନା ୨୦୦୩ରେ ହୋଇଥିଲା । ଏହାର ମୁଖ୍ୟଳୟ ଟୋକିଓରେ । ଏହାର ହୟାବୁସା ଆଷ୍ଟୋରଏଡ ମିଶ ଖୁବ ପରିଚିତ । ଚନ୍ଦ୍ରରେ ମଧ୍ୟ ଏହାର ଅନେକ ମିଶନ ରହିଛି । ଏହା ବିଶେଷଭାବେ ରୋବୋଟିକ୍ସ, ସାଟେଲାଇଟ ଉପରେ ଗୁରୁତ୍ୱ ଦେଇଥାଏ ।










**ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନକଲି କଫ୍ ସିରପ ଖାଇ ଏପର୍ଯ୍ୟନ୍ତ ୨୨ ଶିଶୁଙ୍କ ମୃତ୍ୟୁ ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଏବେ ନାଗପୁରରେ ୫ ଶିଶୁ ଗୁରୁତର ଅଛନ୍ତି । ୭ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଘଟଣାର ତଦନ୍ତ କରି ସମ୍ପୃକ୍ତ ସିରପ ନିର୍ମାତା କମ୍ପାନୀକୁ ସିଲ୍ କରିବା ସହ ଏହାର ମାଲିକ ଓ ଔଷଧ ଲେଖିଥିବା ଡାକ୍ତରଙ୍କୁ ଗିରଫ କରିଛି ।**






# କିଲର କଫ୍ ସିରପ

ତାମିଲନାଡୁର କାଞ୍ଚିପୁରମସ୍ଥିତ ଶ୍ରୀସନ ଫାର୍ମାସ୍ୟୁଟିକଲ୍ସ ଦ୍ୱାରା ନିର୍ମିତ କୋଲ୍ଡରିଫ୍ କଫ୍ ସିରପ ପିଇ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ୨୨ ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବା ବେଳେ ନାଗପୁରର ୫ ଶିଶୁ ଗୁରୁତର ଅବସ୍ଥାରେ ଏମ୍ସ ଓ ଅନ୍ୟାନ୍ୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ମୃତ ଶିଶୁଙ୍କ ମଧ୍ୟରୁ ଅଧିକାଂଶ ଛିନ୍ଦୱାଡ଼ା ଜିଲାର ହୋଇଥିବାବେଳେ ବେଟୁଲରୁ ୨ ଏବଂ ପାନ୍ଧୁର୍ନାରୁ ଜଣେ ରହିଛନ୍ତି । ୭ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଚେନ୍ନାଇ ନିକଟ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀରେ ପହଞ୍ଚି ତଦନ୍ତ ଚଳାଇଛି । ଚେନ୍ନାଇସ୍ଥିତ କମ୍ପାନୀ କାର୍ଯ୍ୟାଳୟରେ ଏସ୍ଆଇଟି ଚଢ଼ାଉ କରି ଦସ୍ତାବିଜ୍ ଓ ସିସିଟିଭି ଫୁଟେଜ୍ ଜବତ କରିଛି । ଉକ୍ତ କମ୍ପାନୀ ପଣ୍ଡିଚେରୀ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଅନ୍ୟାନ୍ୟ ରାଜ୍ୟକୁ କୋଲ୍ଡରିଫ୍ ସିରପ୍ ଯୋଗାଉଥିଲା । କମ୍ପାନୀ ମାଲିକ ଏସ୍ ରଙ୍ଗନାଥନଙ୍କୁ ଗିରଫ କରାଯାଇଛି । ତାମିଲନାଡୁ ଖାଦ୍ୟ ସୁରକ୍ଷା ଏବଂ ଔଷଧ ପ୍ରଶାସନ ପକ୍ଷରୁ ଫ୍ୟାକ୍ଟ୍ରିରୁ ସଂଗ୍ରହ କରାଯାଇଥିବା ନମୁନା ଅପମିଶ୍ରିତ ଜଣାପଡ଼ିବା ପରେ ଫ୍ୟାକ୍ଟ୍ରିରେ ଉତ୍ପାଦନ ତୁରନ୍ତ ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ । ଅକ୍ଟୋବର ୧ରୁ ରାଜ୍ୟ ସରକାର କୋଲ୍ଡରିଫ୍ ସିରପ୍ ବିକ୍ରି ଉପରେ ନିଷେଧାଦେଶ ଲଗାଇବା ସହ ବଜାରରୁ ସମସ୍ତ ଗଚ୍ଛିତ ସିରପ୍ ହଟାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ପକ୍ଷରେ ଭାରତରେ କଫ୍ ସିରପ ପିଇ ହେଉଥିବା ମୃତ୍ୟୁ ମାମଲାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଛି । କଫ୍ ସିରପ ରପ୍ତାନିରେ ଭାରତ ଅଗ୍ରଣୀ ଦେଶ ହୋଇଥିବାବେଳେ ଯେଉଁ କଫ୍ ସିରପ ପିଇ ମୃତ୍ୟୁ ମାମଲା ସାମ୍ନାକୁ ଆସୁଛି, ସେଗୁଡ଼ିକୁ ଅନ୍ୟ କେଉଁ ଦେଶକୁ ରପ୍ତାନି କରାଯାଇଛି ବୋଲି ଭାରତୀୟ ଅଧିକାରୀଙ୍କୁ ଡବ୍ଲ୍ୟୁଏଚ୍ଓ ପ୍ରଶ୍ନ କରିଛି । ଭାରତରୁ ଜବାବ ମିଳିବା ପରେ ଏହି କଫ୍ ସିରପକୁ ନେଇ ସାରା ବିଶ୍ୱକୁ ସତର୍କତା ଜାରି କରାଯିବ ବୋଲି ଡବ୍ଲ୍ୟୁଏଚ୍ଓର ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ତେବେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍ସିଓ) ପକ୍ଷରୁ ଡବ୍ଲ୍ୟୁଏଚ୍ଓ କରିଥିବା ପ୍ରଶ୍ନର ଉତ୍ତର ରଖାଯାଇଛି । ସିଡିଏସ୍ସିଓ ପକ୍ଷରୁ କୁହାଯାଇଛି, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ କଫ୍ ସିରପଜନିତ ମୃତ୍ୟୁ ସାମ୍ନାକୁ ଆସିବା ପରେ କୋଲ୍ଡରିଫ୍ ଓ ରିଲାଇଫ୍ ଭଳି ୩ଟି କଫ୍ ସିରପକୁ ମେଡିକାଲ ଷ୍ଟୋରଗୁଡ଼ିକରୁ ପ୍ରତ୍ୟାହାର କରାଯାଇଥିବା ସହ ଏହାର ଉତ୍ପାଦନ ବନ୍ଦ କରିବାକୁ ନିର୍ମାତା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଏଥି ମଧ୍ୟରୁ କୌଣସିଟିକୁ ମଧ୍ୟ ଭାରତରୁ ଅନ୍ୟ ଦେଶକୁ ରପ୍ତାନି କରାଯାଇନାହିଁ ବୋଲି ସିଡିଏସ୍ସିଓ କହିଛି ।

ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍ସିଓ) ପକ୍ଷରୁ ସୂଚନା ଦିଆଯାଇଛି । କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ବିପଜ୍ଜନକ ମାତ୍ରାରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) ଥିବା ଜଣାପଡ଼ିଛି । ଏହି ରାସାୟନିକ ପଦାର୍ଥ ଅନୁମୋଦିତ ମାତ୍ରାରୁ ଅଧିକ ପରିମାଣରେ ରହିଲେ ତାହା ଛୋଟପିଲାଙ୍କ କିଡ୍ନୀ ସଂକ୍ରମଣର କାରଣ ସାଜୁଥିବା କୁହାଯାଉଛି । ସେହିପରି ଅନ୍ୟ କେତେକ ରାଜ୍ୟରେ ମଧ୍ୟ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି । ଅଭିଯୋଗ ଆସିବା ପରେ ପ୍ରଥମେ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା । ତେବେ ତାମିଲନାଡୁର ସ୍ରେସାନ୍ ଫାର୍ମା ପକ୍ଷରୁ ପ୍ରସ୍ତୁତ କୋଲ୍ଡରିଫ୍ ସିରପରେ ଡିଇଜି ମାତ୍ରା ଅତ୍ୟଧିକ ରହିଥିବା ଯାଞ୍ଚରୁ ଜଣାପଡ଼ିଥିବା ବିଷୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଡିଇଜି ହେଉଛି ଏଭଳି ଏକ ବିଷାକ୍ତ ଉପାଦାନ, ଯାହାକୁ ଶିଳ୍ପ ଉତ୍ପାଦ ରୂପେ ବ୍ୟବହାର କରାଯାଇଥାଏ । ମଧ୍ୟପ୍ରଦେଶରେ ଉପଲବ୍ଧ କଫ୍ ସିରପରେ ଡିଇଜିର ମାତ୍ରା ଆବଶ୍ୟକଠୁ ଅଧିକ ଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ଭାରତୀୟ କଫ୍ ସିରପ୍ ଏହା ପୂର୍ବରୁ ମଧ୍ୟ ସନ୍ଦେହ ଘେରକୁ ଆସିଥିଲା । ୨୦୨୨ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ଡିଇଜି ମାତ୍ରା ଅଧିକ ଥିବା ଭାରତୀୟ କଫ୍ ସିରପ୍ ସେବନକରି ୭୦ ପିଲାଙ୍କ ମୃତ୍ୟୁ ଘଟିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ସ୍ପଷ୍ଟ କରିଥିଲା । ଅନ୍ୟପକ୍ଷେ ନୂଆଦିଲ୍ଲୀ ଏହି ଅଭିଯୋଗକୁ ସେତେବେଳେ ଖଣ୍ଡନ କରିଥିଲା ।

କଫ୍ ସିରପ୍ ଶିଶୁ ମୃତ୍ୟୁ ଘଟଣା ପରେ ଏହାର ସିବିଆଇ ତଦନ୍ତ ସମେତ ଔଷଧ ନିରାପତ୍ତା ବ୍ୟବସ୍ଥାରେ ସଂସ୍କାର ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି । ଏଥିସହିତ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଜାତୀୟ ନ୍ୟାୟିକ କମିଶନ କିମ୍ବା ବିଶେଷଜ୍ଞ କମିଟି ଗଠନ କରାଯିବା ସହ ବିଭିନ୍ନ ରାଜ୍ୟରେ କଫ୍ ସିରପ୍ ପିଇ ପିଲାଙ୍କ ମୃତ୍ୟୁ ଘଟଣାରେ ଦାଏର ହୋଇଥିବା ସମସ୍ତ ଏତଲା ଏବଂ ତଦନ୍ତକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରାଯିବା ଲାଗି ନିର୍ଦ୍ଦେଶ ଦେବାକୁ ପିଆଇଏଲରେ ନିବେଦନ କରାଯାଇଛି । କଫ୍ ସିରପ୍ ଭଳି କୌଣସି ଔଷଧ ରୋଗୀଙ୍କୁ ସୁସ୍ଥ କରିବା ପରିବର୍ତ୍ତେ ପ୍ରାଣଘାତୀ ସାଜିବା ଦୁର୍ଭାଗ୍ୟଜନକ । ଏଥି ପାଇଁ ଔଷଧ ନିର୍ମାତା କମ୍ପାନୀ ଯେତିକି ଦାୟୀ, ଡାକ୍ତରମାନେ ମଧ୍ୟ ସମପରିମାଣରେ ଦାୟୀ । ଲୋଭଗ୍ରସ୍ତ ହୋଇ ଔଷଧ ଲେଖୁଥିବା ଡାକ୍ତର ଏବଂ ଅତ୍ୟଧିକ ଲାଭ ଖୋଜୁଥିବା ଔଷଧ ନିର୍ମାତାଙ୍କ ମଧ୍ୟରେ ଅଲିଖିତ ବୁଝାମଣା ସାଧାରଣ ଲୋକଙ୍କ ଜୀବନକୁ ବିପଦକୁ ଠେଲିଦେଉଛି ଏଥିରେ ଦ୍ୱିମତ ନାହିଁ ।



# କଲୁରି ବେଣ୍ଟ

ଆଇ ବୁଢୀର କାହାଣୀ ତାଲିକାରେ ଏଭଳି ଅନେକ କାହାଣୀ ସାମିଲ ରହିଛି । ସେହିଭଳି ଏକ କାହାଣୀ ହେଲା କଲୁରି ବେଣ୍ଟ । ଯାହାକୁ ଶୁଣିବାକୁ ଆଜି ବି ଶିଶୁଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳେ । ଆସନ୍ତୁ ଜାଣିବା କଣ ଏହି କାହାଣୀର ମୂଳ ବିଷୟ ବସ୍ତୁ । ଏକଦା ଗୋଟିଏ ଗାଁରେ ବୁଢୀଟିଏ ରହୁଥାଏ । ତାର ଘର ନିକଟରେ ଏକ କଲରା ଗଛଟିଏ ଥାଏ । ସେ ବହୁତ ପରିଶ୍ରମ କରି କଲରା ଗଛଟିକୁ ବଡ

**ଆଇ ମା ପେଡିରେ ଏଭଳି ଅନେକ ନୀତିଶିକ୍ଷା କାହାଣୀଥାଏ, ଯାହା ଆମକୁ ଜୀବନରେ କେଉଁ କାର୍ଯ୍ୟ କରିବା ଦରକାର ଓ କେଉଁ କାର୍ଯ୍ୟ କରିବା ଦ୍ୱାରା ଆମେ ସମସ୍ୟା ପଡିଥାଉ ତାହାକୁ ସୂଚାଇଥାଏ । ଏଭଳି କାହାଣୀ ଆମ ଜୀବନରେ ଅନେକ ଦରକାର ହୋଇଥାଏ ।**



କରିଥାଏ । ପ୍ରତିଦିନ ସେହି ଗଛ ପାଖେ ଆସି ଗୋଟିଏ କାଉ କିଛି ସମୟ ବସି ଉଡିଯାଏ । କାଉଟିର ଇଚ୍ଛା ଥାଏ ଏହି ଗଛରେ କଲରା ହେଲେ ସେ ଖାଇବ । ଏପଟେ ବୁଢୀଟି ମଧ ଏହି ଆଶାରେ ଥାଏ କିଭଳି ସେଥିରେ କଲରା ହେଲେ ସେ ଖାଇବ । ଦିନେ ସକାଳୁ ଦେଖିବା ବେଳକୁ ଏକ କଲରା ଗଛରେ ଫଳିଛି । ଯାହାକୁ ଦେଖି ବୁଢି ଓ କୁଆ ଉଭୟ ଖୁସି । କୁଆ ଗଛ ପାଖକୁ ଉଡି ଆସି ବୁଢୀକୁ କହିଲା ମାଉସୀ ମୋତେ କଲରାଟି ଦେ ମୁଁ ଖାଇବି । ବୁଢୀ ଏକ ଉପାୟ ବାହାର କରି କୁଆକୁ କହିଲା ତୁ ମୁହଁ ଧୋଇ ଆସେ ତାପରେ କଲରା ଖାଇବୁ । ସେଠୁ କାଉଟି ଉଡିଗଲା କୂଅ ପାଖକୁ କହିଲା ମୋତେ ପାଣି ଦେ ମୁଁ ମୁହଁ ଧୋଇଲେ କଲରା ଖାଇବି । ତେବେ କୂଅ କହିଲା ତୁ ମାଠିଆ ଆଣେ ତାପରେ ତୋତେ ପାଣି ମିଳିବ । ଏହାପରେ କାଉ କୁମ୍ଭାର ପାଖକୁ ଗଲା କହିଲା ତୁ ଗୋଟିଏ ମାଠିଆ ଗଢିଦେ ମୁଁ ନେବି । କୁମ୍ଭାର କହିଲା ମୋ ପାଖେ ମାଟି ନାହିଁ । ଏହାପରେ କାଉ ବିଲକୁ ଗଲା ମାଟି ଆଣିବାକୁ, ହେଲେ ବିଲ କହିଲା ତୁ ଯା ଜଙ୍ଗଲରୁ ହରିଣ ଶିଙ୍ଗ ଆଣିବୁ ତାପରେ ମାଟି ଖୋଳିକି ନେବୁ । ଏହାପରେ କାଉ ହରିଣ ପାଖକୁ ଗଲା ଶିଙ୍ଗ ମାଗିବାକୁ, ହରିଣ କହିଲା ତୁ ମୋତେ ଆଣି ଗାଈ ଖୀର ଦେ ତାପରେ ମୁଁ ତୋତେ ଶିଙ୍ଗ ଦେବି । ଏହାପରେ କାଉ ଗାଈ ପାଖକୁ ଗଲା ହେଲେ ଗାଈ ତାକୁ ଘାସ ମାଗିଲା । ଏହାପରେ କୁଆଟି ସିଧା ବିଲକୁ ଗଲା, ହେଲେ ବିଲ କହିଲା ତୁ ଯା ଦା ଧରି ଆସେ ତାପରେ ଘାସ କାଟି ନେବୁ । ଏହାପରେ କୁଆ ଚାଲିଲା କମାର ପାଖକୁ । କମାର ଆଗରେ ସେ ସବୁ କଥା କହିଲା । ଏହାପରେ କମାର ଭାବିଲା କୁଆର ଅନ୍ୟ ଖାଦ୍ୟ ଉପରେ ଥିବା ଲୋଭକୁ ଦୂରେଇ ବାକୁ ହେବ । ସେ କୁଆକୁ ପରିଶ୍ରମର ମୂଲ୍ୟ ବୁଝାଇବାକୁ ଯାଇ କହିଲା ତୁ ଦା କେଉଁଥିରେ ନେବୁ ଏହା ବହୁତ ତାତିଛି । କୁଆ କଲରା ଖାଇବା ଲୋଭରେ ତରତର ହୋଇ କହିଲା ମୋ ଥଣ୍ଟରେ ଥୋଇଦେ । ଯେମିତି ଥଣ୍ଟରେ ତାତିଲା ଦା ଥୁଆ ହୋଇଛି, କୁଆର ଥଣ୍ଟ ପୋଡିଗଲା । ଏଥର କୁଆ ବୁଝି ପାରିଲା ନିଜେ ପରିଶ୍ରମ କରି ଖାଦ୍ୟ ଖାଇବା ଖୁବ ଭଲ । କେବେ ବି ଅନ୍ୟ ପରିଶ୍ରମ ଅର୍ଜିତ ଧନକୁ ଲୋଭ ନକରିବା ଆମ ପାଇଁ ଖୁବ ଭଲ ହୋଇଥାଏ ବୋଲି ଏହି ଗପ ଶିକ୍ଷା ଦେଇଥାଏ ।



ମୃଣାଳ
mrinalchatterjeeiimc
@gmail.com

# ହିଂସା ନ ହେଉ

ହଜାରେ ବର୍ଷର ସହର କଟକରେ ବହୁ ଶତାବ୍ଦୀ ଧରି ହିନ୍ଦୁ-ମୁସଲିମ ଏକାଠି ରହି ଆସୁଛନ୍ତି। ସାମ୍ପ୍ରଦାୟିକ ସଂପ୍ରିତି ଓ ସଦ୍‌ଭାବର ସହର ଭାବରେ କଟକର ସୁନାମ ରହିଛି। ଗଣ୍ଡଗୋଳ ଯେ କେବେ ହୋଇନାହିଁ, ଏମିତି ନୁହେଁ। ଆମ ସ୍ମରଣକାଳରେ ଷାଠିଏ ଦଶକରେ ହିନ୍ଦୁ ମୁସଲିମ ଦଙ୍ଗା, ଜଳାପୋଡ଼ା ହୋଇଥିଲା। ମେଢ଼ ଭସାଣିରେ ସାହି ସାହି ଭିତରେ ଖଣ୍ଡା ତରୱାଲ, ସୁତୁଲି ବମ ଫିଙ୍ଗାଫୋପଡା ହେଉଥିଲା। କିନ୍ତୁ ଗତ ବେଶ କିଛି ବର୍ଷ ହେଲା, ଏମିତି ଗଣ୍ଡଗୋଳ ଆଉ ହେଉ ନ ଥିଲା। ସାମ୍ବାଦିକ ଶ୍ରୀରାମ ଦାଶ ତାଙ୍କର ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଲେଖିଛନ୍ତି: ମୁସ୍ତାଫିଜ ଅହମଦ ବିଧାୟକ ଥିବା ବେଳେ  ତିନିକୋଣିଆ ବଗିଚାରେ ଏକ ନିର୍ବାଚନ ସଭାରେ କହିଥିଲେ 'ଆମେ ସମସ୍ତେ ଓଡ଼ିଆ, ଆମର ପୂର୍ବ ପୁରୁଷ କେହି ଆରବରୁ ଘୋଡ଼ା ଚଢି ଆସି ନଥିଲେ''। କ'ଣ ହେଲା ଯେ ଭାଇଚାରାର ସହର କଟକରେ ସାମ୍ପ୍ରଦାୟିକ ବିବାଦ ପଶିଆସିଲା ? କିଏ ଭାଙ୍ଗିଲା ଶାନ୍ତିର ଏହି ପରମ୍ପରା ? ପୋଲିସ ଓ ପ୍ରଶାସନ ଦୋଷୀଙ୍କୁ, ସେ ମୁସଲିମ ହେଉ କି ହିନ୍ଦୁ -ଖୋଜି ବାହାର କରି କଠୋର ଦଣ୍ଡ ଦିଅନ୍ତୁ। ସାହିବସ୍ତିର ମୁରବି, ଯୁବ ଗୋଷ୍ଠି, କ୍ଲବ, ମସଜିଦ, ଦରଘା କମିଟି, ପୂଜା କମିଟି ଶାନ୍ତି କମିଟି, ସମସ୍ତେ ଆନ୍ତରିକ ଉଦ୍ୟମ କରନ୍ତୁ - କଟକ ସହରରେ ଶାନ୍ତି ଫେରୁ। କଟକ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର। ସେଠି ସାମ୍ପ୍ରଦାୟିକ ହିଂସା ନ ହେଉ।

# ଢେଙ୍କାନାଳର ଲକ୍ଷ୍ମୀ ପୂଜା ମେଳା




କଟକର ଦୁର୍ଗା ପୂଜା, କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା, ଭଦ୍ରକର କାଳୀ ପୂଜା ଭଳି ଢେଙ୍କାନାଳର ଲକ୍ଷ୍ମୀ ପୂଜା ଏକ ବଡ଼ ଉତ୍ସବ। ସାରା ସହର ଯେମିତି ବଧୂ ବେଶରେ ସାଜିଉଠେ। ଆଲୁଅର ମାଳ ପିନ୍ଧି ଝକମକ ଦିଶେ। ସଡ଼କ ପାଲଟିଯାଏ ଜନସମୁଦ୍ର। ଢେଙ୍କାନାଳରେ ସାର୍ବଜନୀନ ଭାବେ ଲକ୍ଷ୍ମୀ ପୂଜାର ଇତିହାସ ଶହେ ବର୍ଷରୁ ଅଧିକ ପୁରୁଣା। ତେବେ କ୍ରମାଗତ ଭାବେ ସାର୍ବଜନୀନ ପୂଜା ୭୫ ବର୍ଷରୁ ଅଧିକ ସମୟରୁ ହେଲାଣି। ଓଡ଼ିଶାରେ କଟକ ପରେ ଢେଙ୍କାନାଳର ଲକ୍ଷ୍ମୀ ପୂଜାରେ ଚାନ୍ଦି ମେଢ଼ ହୋଇଥିଲା। କଟକ ଚୌଧୁରୀ ବଜାରରେ ୧୯୫୬ ରେ ପ୍ରଥମେ ଚାନ୍ଦି ମେଢ଼ ହେଲା। ତା'ପରେ ୧୯୫୯ରେ ଢେଙ୍କାନାଳର ମୀନା ବଜାରରେ। ଏବେ ପାଖାପାଖି ଦଶଟି ମଣ୍ଡପରେ ଚାନ୍ଦି ମେଢ଼ ଦିଶୁଛି। ତେବେ କ୍ରମାଗତ ବର୍ଷା ଯୋଗୁ ଏବର୍ଷ ପୂଜା ପ୍ରସ୍ତୁତି ଠିକ ଭାବେ ହୋଇ ପାରିନାହିଁ। ରାସ୍ତାଘାଟରେ ଖାଲଖମା ଭର୍ତ୍ତି ହୋଇ ରହିଛି। ତହିଁକୁ ଗେଟ୍ ତିଆରି ପାଇଁ ରାସ୍ତା ଖୋଳା ହୋଇଛି। ସହଜେ ଢେଙ୍କାନାଳ ସହର ଭିତର ରାସ୍ତା ବିଶେଷ ଚଉଡ଼ା ନୁହେଁ। ସେଥିରେ ପୂଜା ମଣ୍ଡପ, ପୁଣି ରାସ୍ତା ଦୁଇପଟେ ଉଠା ଦୋକାନୀ ବସନ୍ତି। ଏବର୍ଷ କ'ଣ ହୋଇଛି କେଜାଣି, ସହର ଯାକ ବୁଲା କୁକୁର, ଗାଈ ଗୋରୁ ଷଣ୍ଢ ମାଳମାଳ। ମୁଁ ପରିବାର ଧରି ମେଳା ବୁଲିବାକୁ କେମିତି ଯିବି, ଭାବିଲା ବେଳକୁ ମୁଣ୍ଡ ଗୋଳମାଳ ହୋଇଯାଉଛି।



# ଶିଉଳି

ଶିଉଳି ଫୁଲ (ହିନ୍ଦୀରେ ଏହାକୁ ପାରିଜାତ ବୋଲି କହନ୍ତି ) ଦୁର୍ଗା ପୂଜା ଆଗମନର ସୂଚନା ଦେଇଥାଏ। ବର୍ଷା ଛାଡି ଆସୁଛି, ଆକାଶ କ୍ରମଶଃ ଉଜ୍ଜ୍ୱଳ ନୀଳ ଦିଶୁଛି, ସେଥିରେ ସଫେଦ ବାଦଲ ଭାସି ବୁଲୁଛି। ରାତିରେ ହାଲ୍‌କା ଥଣ୍ଡାର ଆଭାସ। ଏଇ ସମୟରେ ଫୁଟେ ଶିଉଳି। ଧଳା ଫୁଲ, ନାରଙ୍ଗୀ ଡେଙ୍ଫ। ରାତିରେ ଫୁଟେ, ହାଲ୍‌କା ସୁଗନ୍ଧରେ ଚହଟାଇ ଦିଏ ଚଉପାସ, ସକାଳେ ସବୁଜ ଘାସ ଉପରେ ଝଡ଼ିପଡ଼େ। ତା'ଉପରେ ଚିକ୍‌ଚିକ୍ କରୁଥାଏ ଶିଶିର ବିନ୍ଦୁ। ଶିଉଳି ଫୁଲ ଭାରତର ବିଭିନ୍ନ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଚିହ୍ନ ହିସାବରେ ପରିଚିତ। ହିନ୍ଦୁ ଧର୍ମରେ ଏହା ଧାର୍ମିକ ମାନ୍ୟତା ରଖିଥାଏ ଏବଂ ସେଥିପାଇଁ ଏହାକୁ ପବିତ୍ର ଭାବରେ ଗ୍ରହଣ କରାଯାଏ। ଲୋକକଥା ଅନୁସାରେ, ରାଜକୁମାରୀ 'ପାରିଜାତକା' ମନେ ମନେ ସୂର୍ଯ୍ୟଙ୍କୁ ଭଲ ପାଉଥିଲେ। ହେଲେ ସୂର୍ଯ୍ୟଙ୍କୁ ପାଇବାରେ ସେ ଅସମର୍ଥ ହେଲେ। ମନ ଦୁଃଖରେ ସେ ଆତ୍ମହତ୍ୟା କରିଦେଲେ। ଦେହର ଅସ୍ଥିରୁ ଏକ ଗଛ ଜନ୍ମ ନେଲା। ବଢ଼ିଲା। ସେଥିରେ ଫୁଟିଲା ସୁନ୍ଦର ସୁଗନ୍ଧି ଫୁଲ। ହେଲେ ରାତିରେ ଫୁଟି ସେ ଫୁଲ ସକାଳେ ମଉଳି ଯାଏ। ସୂର୍ଯ୍ୟଙ୍କୁ ଦେଖେନି। ସେ ଫୁଲର ନାଁ ହେଲା ପାରିଜାତ। ଶିଉଳି।

# ଶହିଦ ବିକା ନାୟକ କି ଖୋଜ୍




ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଥମ ଶହିଦ ଥିଲେ ବିକା ନାୟକ (ଜନ୍ମ: ୧୮୭୮) ।୧୯୩୮ ସେପ୍ଟେମ୍ବର ୨୧ରେ ତାଙ୍କର ଦେହାନ୍ତ ହୋଇଥିଲା। ସ୍ଥାନୀୟ ରାଜା ଓ ଜମିଦାରଙ୍କ ବିରୋଧରେ ମୁଣ୍ଡ ଟେକିଥିବା ଏ ଆନ୍ଦୋଳନ ସ୍ୱାଧୀନତା ଆନ୍ଦୋଳନକୁ ପରୋକ୍ଷ ଭାବେ ସାହାଯ୍ୟ କରିଥିଲା। ଗଡ଼ଜାତ ରାଜ୍ୟଗୁଡ଼ିକର ଭାରତରେ ମିଶ୍ରଣ ପ୍ରକ୍ରିୟାର ରାସ୍ତା ଏ ଆନ୍ଦୋଳନ ଫଳରେ ମସୃଣ ହୋଇଥିଲା। ସମ୍ପ୍ରତି ହିନ୍ଦୀଭାଷୀ ଲେଖକ ଦୀନେଶ କୁମାର ମାଲି ବିକା ନାୟକଙ୍କୁ କେନ୍ଦ୍ର କରି ଏକ ଚରିତ-ଉପନ୍ୟାସ ଲେଖିଛନ୍ତି: ସହୀଦ ବିକା ନାୟକ କି ଖୋଜ୍। ଶ୍ରୀ ମାଲି କାର୍ଯ୍ୟ ସୂତ୍ରରେ (ସେ ମହାନଦୀ କୋଲ୍ ଫିଲ୍ଡରେ କାମ କରନ୍ତି) ଏ ଅଞ୍ଚଳକୁ ବାରମ୍ବାର ଆସିଛନ୍ତି। ବିକା ନାୟକଙ୍କ ସମ୍ପର୍କରେ ଅନେକ ତଥ୍ୟ ସଂଗ୍ରହ କରି ଏ ଉପନ୍ୟାସଟି ଲେଖିଛନ୍ତି। ଏହା ହେଲା ବିକା ନାୟକଙ୍କ ଉପରେ ରଚିତ ପ୍ରଥମ ଚରିତ-ଉପନ୍ୟାସ। ଏହା ପୂର୍ବରୁ ୧୯୪୭ ମସିହାରେ ଜନ୍ମିତ କୁଳମଣି ବେହେରା ୧୯୮୫ରେ ବିକା ନାଏକଙ୍କ ଜୀବନକୁ ନେଇ ଏକ ନାଟକ ଲେଖନ୍ତି। ଆଞ୍ଚଳିକ ଭାଷାର ପ୍ରୟୋଗରେ ସମୃଦ୍ଧ ନାଟକଟି ସେହି ସମୟରେ ଆଦର ଲାଭ କରିଥିଲା । ଦୀନେଶ ମାଲିଙ୍କ ପ୍ରଚେଷ୍ଟାରେ ଏହାର ପୁନଃମୁଦ୍ରଣ ହୋଇଛି। ଏହା ପୂର୍ବରୁ ଦୀନେଶ କୁମାର ମାଲି କବି ହଳଧର ନାଗଙ୍କ ଉପରେ ଅନେକ ଉପାଦେୟ ପ୍ରବନ୍ଧ ଲେଖିଛନ୍ତି। ଏବେ ସେ ଭୀମ ଭୋଇଙ୍କ ସ୍ମୃତି ଚିନ୍ତାମଣିକୁ ହିନ୍ଦୀରେ ଅନୁବାଦ କରୁଛନ୍ତି।

# ଦଶହରା ବଖସିସ



ଦଶହରାର ଦଶ ପନ୍ଦର ଦିନ ପୂର୍ବରୁ ଆରମ୍ଭ ହୋଇ ଦୀପାବଳି ଯାଏ ବିଦ୍ୟମାନ ରହେ ଦଶହରା ବଖସିସ। ବହୁ ଦୋକାନର କାଉଣ୍ଟର ଉପରେ ଡିବା ରଖାଯାଇଛି। କାଳେ ଆପଣ ଏହା କାହିଁକି ରଖା ଯାଇଛି, ବୁଝି ନ ପାରିବେ, ସେଥିପାଇଁ ତା ଉପରେ ଲେଖାହୋଇଛି : ଦଶହରା ବଖସିସ। ଏ କାଳଖଣ୍ଡ ଭିତରେ ଆପଣ ଯେଉଁ ସେଲୁନରେ ବାଳ କାଟି ଯାନ୍ତୁ, ଦଶରେ ଆଠ ଜାଗାରେ ବାରିକ ଆପଣଙ୍କୁ କହିବ- ସାର ଆମ ଦଶହରା ବଖସିସଟା ! ସମାନ କଥା, ଯେଉଁଠି ଆପଣ ଜଳଖିଆ ଖାଇବାକୁ ଯାଆନ୍ତୁ ବା ଭୁଷାମାଲ ଦୋକାନରୁ ସଉଦା ଆଣିବାକୁ ଯାଆନ୍ତୁ। ସେଦିନ ଅଟୋରେ ବସି କୁଆଡେ ଯାଇଥିଲି, ଓହ୍ଲେଇ ଭଡ଼ା ଦେଲାବେଳେ ଅଟୋବାଲା ବି କହିଲା - ସାର ଦଶହରା ବଖସିସ।

ଫଟୋ: ମାନସ ମଲ୍ଲିକ



## ମୁହଁ ଖୋଲିଲେ ଦୀପିକା

ପିଲ୍ମ ସ୍ପିରିଟ ଓ କଲ୍କି ୨ରୁ ବାହାରିବା ପରେ ମୁହଁ ଖୋଲିଛନ୍ତି ଦୀପିକା । ପ୍ରଥମରୁ ମେଲ ସୁପରଷ୍ଟାରମାନେ ଆଠଘଣ୍ଟା ହିଁ କାମ କରୁଛନ୍ତି । ଏପରିକି ସେମାନେ ଛୁଟି ଦିନରେ ବି କାମ କରିନଥାଆନ୍ତି ବୋଲି ଦୀପିକା ପ୍ରକାଶ କରିଛନ୍ତି । ହେଲେ ତାଙ୍କୁ ଏଥିପାଇଁ ଟାର୍ଗେଟ କରାଯାଇଛି, ଯାହା ତାଙ୍କୁ ଖୁବ ଦୁଃଖ ଦେଇଛି ବୋଲି ଦୀପିକା ପ୍ରକାଶ କରିଛନ୍ତି । ସେମାନଙ୍କର ଏହି କଥାକୁ କେବେ ଆଲୋଚନା କରାଯାଇ ନାହିଁ କି ନ୍ୟୁଜ ହେଡଲାଇନ କରାଯାଇ ନାହିଁ । ସେ ଜଣେ ମହିଳା ହୋଇଥିବାରୁ ତାଙ୍କୁ ଏଭଳି ପରିସ୍ଥିତିର ସାମନା କରିବାକୁ ପଡିଛି ବୋଲି ଦୀପିକା ପ୍ରକାଶ କରିଛନ୍ତି । ସେହିଭଳି ଭାରତୀୟ ଇଣ୍ଡଷ୍ଟ୍ରୀ କେବେ ବି ଗୋଟିଏ ଇଣ୍ଡଷ୍ଟ୍ରୀ ଭଳି କାମ କରିନାହିଁ ବୋଲି ଦୀପିକା ମତ ପ୍ରକାଶ କରିଛନ୍ତି ।





## ବିବାହ କଲେ ସାରା

ନିକଟରେ ବିଗବସ ଫେମ୍ ସାରା ଖାନ୍ ଦ୍ୱିତୀୟଥର ପାଇଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଦ୍ୱିତୀୟଥର ପାଇଁ ସେ ଅଭିନେତା ତଥା ପ୍ରଯୋଜକ କ୍ରିସ ପାଠକଙ୍କୁ ଏକ ବ୍ୟକ୍ତିଗତ ଉତ୍ସବରେ ବିବାହ କରିଛନ୍ତି । ଏହି ବିବାହରେ ଖୁବ କମ ଲୋକ ଯୋଗ ଦେଇଥିଲେ । ତେବେ ଆଗକୁ ସେ ନିଜ ବିବାହର ଏକ ଗ୍ରାଣ୍ଡ ପାର୍ଟି ଆୟୋଜନ କରିବେ ଯେଉଁଥିରେ ସମସ୍ତେ ଆମନ୍ତ୍ରିତ ହେବାନେଇ ସୂଚନା ରହିଛି । ନିଜର ବିବାହ ନେଇ ଉଭୟ ସୋସିଆଲ ମିଡିଆରେ ଫଟୋ ଅପଲୋଡ କରି ସୂଚନା ଦେଇଛନ୍ତି । ଫ୍ୟାନମାନେ ସାରାଙ୍କ ପାଇଁ ଖୁବ ଖୁସି ଅଛନ୍ତି । ଏହାପୂର୍ବରୁ ସାରା ୨୦୧୧ରେ ଅଲ୍ଲୀ ମର୍ଚାଣ୍ଟଙ୍କ ସହିତ ବିବାହ କରିଥିଲେ । ହେଲେ ଏହି ବିବାହ ଖୁବ କମ ଦିନ ଚାଲିପାରିଥିଲା । ଉଭୟ କିଛି ମାସ ଭିତରେ ହିଁ ଅଲଗା ହୋଇଯାଇଥିଲେ । ସାରା ନିଜ ଶୋ ବିଦାଇରୁ ଘରେଘରେ ପରିଚିତ ହୋଇ ପାରିଥିଲେ ।



## କର୍ପୋରେଟରୁ ଅଭିନୟ

ଅଭିନେତ୍ରୀ ସୁଭି ଯୋସି ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ଜଣେ ମିଡିଆ କ୍ରିଏଟରରୁ ସେ ପାଲଟିଛନ୍ତି ଅଭିନେତ୍ରୀ । ୧୯୯୭ରେ ଜନ୍ମିତ ସୁଭି ରିଆଲିଟି କୁଇନ୍ ଭାବେ ମଧ୍ୟ ପରିଚିତ । ସ୍ପ୍ଲିଟଭିଲାରେ ତାଙ୍କର ପ୍ରଦର୍ଶନ ତାଙ୍କୁଦେଇଥିଲା ଏକ ନୂଆ ପରିଚୟ । ପିଲାଦିନୁ ଖେଳରେ ରୁଚି ରଖିଥିବା ସୁରଭି ବଡ ହେଲା ପରେ ମଡେଲିଂ ଦୁନିଆରେ ପାଦ ଦେଇଥିଲେ । ତେବେ ସ୍କୁଲ ଟାଇମରେ ଡ୍ରାମା, ଡ୍ୟାନ୍ସ ଓ ଅନ୍ୟ ସମସ୍ତ ଆକ୍ଟିଭିଟିରେ ଭାଗ ନେବା ପାଇଁ ଖୁବ ସକ୍ରିୟ ରହୁଥିଲେ । ଏଗୁଡିକ ତାଙ୍କୁ ବଡ ହେଲା ପରେ କ୍ୟାରିୟ କରିବାରେ ଖୁବ ସାହାଯ୍ୟ କରିଛି ବୋଲି ସୁଭି ଅନେକ ସାକ୍ଷାତକାରରେ ମତ ଦେଇଛନ୍ତି । ନିଜ କର୍ପୋରେଟ କ୍ୟାରିୟରକୁ ଛାଡି ସେ ରିସ୍କ ନେଇ ମଡେଲିଂ ଆରମ୍ଭ କରିଥିଲେ । ହେଲେ ପରେ ସେ ଏହାକୁ ନିଜର କ୍ୟାରିୟର ଭାବେ ଗ୍ରହଣ କରିଥିଲେ ।



## ନୂଆ ପ୍ରୋଜେକ୍ଟ ପାଇଁ ରେଡି

ଖୁବଶୀଘ୍ର ବଡ ପରଦାକୁ ଆସିବାକୁ ଯାଉଛି ସରବରୀଙ୍କର ଫିଲ୍ମ, ଯାହାର ଟାଇଟଲ ଏବେ ପର୍ଯ୍ୟନ୍ତ ଠିକ୍ ହୋଇନାହିଁ । ଏହି ଫିଲ୍ମରେ ସରବରୀଙ୍କ ସହିତ ଦର୍ଶକ ଆହାନ ପାଣ୍ଡେଙ୍କୁ ଦେଖିବାକୁ ପାଇବେ । ଫିଲ୍ମର ସୁଟିଂ ଖୁବଶୀଘ୍ର ୟୁକେରେ ଆରମ୍ଭ ହେବ । ଏହା ଏକ ଷ୍ଟାଇଲିସ ଆକସନ୍ ରୋମାନ୍ସ ଷ୍ଟୋରୀ ହେବ ବୋଲି ମେକର୍ସ ସୂଚନା ଦେଇଛନ୍ତି । ଅଲ୍ଲୀ ଅବାସ ଜାଫରଙ୍କର ଏହି ଫିଲ୍ମ ପାଇଁ କାମ ଆରମ୍ଭ କରିଛନ୍ତି । ଫିଲ୍ମକୁ ନେଇ ପୁରା ୟୁନିଟ ଖୁବ ଉତ୍ସାହିତ ଅଛନ୍ତି । ଏନେଇ ସୋସିଆଲ ମିଡିଆରେ ଖବର ପ୍ରଚାରିତ ହେବା ପରେ ଦର୍ଶକ ଖୁବ ଉତ୍କଣ୍ଠାର ସହିତ ଫିଲ୍ମ ସମ୍ପର୍କରେ ଆଲୋଚନା କରୁଛନ୍ତି । ସଇଁୟାରାର ସଫଳତା ପରେ ଆହାନ ପାଣ୍ଡେ ଓ ସରବରୀଙ୍କ ଯୋଡିକୁ ମଧ୍ୟ ଦର୍ଶକ ଖୁବ ପସନ୍ଦ କରିବେ ବୋଲି ମେକର୍ସ ଆଶା ରଖିଛନ୍ତି ।



## ନୂଆ କେମେଷ୍ଟ୍ରୀ

ବର୍ତ୍ତମାନ ଅଭିନେତା ମହେଶବାବୁ ନିଜର ଅପକମିଂ ପ୍ରୋଜେକ୍ଟ ଏସଏସଏମବି୨୯କୁ ନେଇ ବ୍ୟସ୍ତ ଅଛନ୍ତି । ତେବେ ଏହି ଫିଲ୍ମରେ ଏକ ଡ୍ୟାନ୍ସ ନମ୍ବର ଦର୍ଶକ ଦେଖିବାକୁ ପାଇବେ ଯାହାକୁ ନେଇ ଚର୍ଚ୍ଚା ହେଉଛି । ଏଥିରେ ଦର୍ଶକ ମହେଶ ବାବୁଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କୁ ଦେଖିବାକୁ ପାଇବେ । ତେଣୁ ପିସି ଓ ମହେଶଙ୍କ କେମେଷ୍ଟ୍ରୀ ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ଗୀତଟିର କୋରିଓଗ୍ରାଫର ରାଜୁ ସୁନ୍ଦରାମ କରିବେ ବୋଲି ଶୁଣିବାକୁ ମିଳୁଛି । ତେବେ ଏନେଇ ମେକର୍ସଙ୍କ ପକ୍ଷରୁ କୌଣସି ଅଫିସିଆଲ ଷ୍ଟେଟମେଣ୍ଟ ରିଲିଜ କରାଯାଇନାହିଁ । ଦର୍ଶକ କିନ୍ତୁ ଏନେଇ ଆଲୋଚନା ଆରମ୍ଭ କରି ସାରିଛନ୍ତି ।



# ନନ୍ଦନକାନନ

ବୁଲିବା ପିଲେ ନନ୍ଦନକାନନ
ଆମ ରାଇଜର ସୁନ୍ଦର ସ୍ଥାନ
ପଶୁ, ପକ୍ଷୀ, ସରୀସୃପ ସଦନ
ମନରୁ ଲିଭେନା ସବୁଦିନ ॥
ସେହି ବନର ଦୁଇ ଉଦ୍ୟାନ
ପ୍ରାଣୀ ଓ ଉଦ୍ଭିଦ କାନନ
ମନୋରମ କାଞ୍ଜିଆ ହ୍ରଦ
ନୌକା ବିହାର ଆମୋଦପ୍ରଦ ॥
ବାଘ, ସିଂହ, ଭାଲୁ, ସିମ୍ପାଜି, ହାତୀ
ହନୁ, ଜେବ୍ରା, ଜିରାଫ୍ ମୂଷିକ, ପାତି
ମୟୁର, ବଗ, ଶୁଆ, ଶାରୀ, ପାରା
ଛଞ୍ଚାଣ, ହଂସ, ଘରଚଟିଆ, ପେଚା ॥
ଦୂରଦୂରାନ୍ତରୁ ଅନେକ ଲୋକ
ଖୁସି ଭାରି ଦେଖି ଏହି ମୂଳକ
ପକୃତିରେ ଭରା, ସୁନ୍ଦର ତୃପ୍ତି
ଯେତେ ଦେଖିଲେ ଆସେନି କ୍ଲାନ୍ତି ॥
ସୁନ୍ଦର ଏହି ମର୍ତ୍ତ୍ୟର କାନନ
ମନ କହେ ଆସନ୍ତି ସବୁ ଦିନ
ସୌନ୍ଦର୍ଯ୍ୟ ବିଧିର ଅନୁପମ ସୃଷ୍ଟି
ସେଥିପାଇଁ ଦୁନିଆ ରହିଛି ତିଷ୍ଠି ॥

**ଚିତ୍ତରଞ୍ଜନ ମହାନ୍ତି**
ରାଣୀତାଲ, ଭଦ୍ରକ
ମୋ : ୯୪୩୮ ୬୭୦୧୫୦

# ଧରମ ମାସ



ଏଗାର ମାସଟି ଆମ ପାଇଁ ଥାଉ
ଆଇ ପାଇଁ ମାସଟିଏ
ଆଇଁଷର କଥା ନ ଉଠୁରେ ଥରେ
ନ କିଣ ବି ମାଛଟିଏ ॥
ଏ କାର୍ତ୍ତିକ ମାସ ଏ ଧରମ ମାସ
ଆଶ୍ୱିନର ପରେ ଆସେ
ଚଉଁରା ମୂଳରେ ବୃନ୍ଦାବତୀ ପୂଜା
ହେଲେ ମହମହ ବାସେ ॥
ହବିଷ୍ୟାଳି ହେବା କେତେ ସଉଭାଗ୍ୟ
ଶ୍ରୀକ୍ଷେତ୍ରରେ ମାସେ ରହି
ନିତି ପ୍ରତି ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ
ଭାଷାରେ ହୁଏନି କହି ॥
ଅଳପ ଜାଡକୁ ଅଳପ କୁହୁଡ଼ି
ଡରେଇ ପାରେନି ଖରା
ସତେ ଧରମର ଝୋଟି ପଡିଅଛି
ଲାଗେ ଘର କାନ୍ଥ ସାରା ॥
ଅରୁଆ ଡାଲମା, ଓଉଖଟା, ଶାଗ
ସୁଆଦ ଭୋଜନ ମଜା
ଆସରେ କହିବା ଧରମ ମାସଟି
ମାସଙ୍କ ଭିତରେ ରଜା ॥

**ନୀଳମଣି ଚାନ୍ଦ**
ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ଆମ୍ଭେ ସବୁ ଶିଶୁ

ପୃଥିବୀ ପୃଷ୍ଠରେ ଯୁଦ୍ଧଗୋଳ ନୁହେଁ
ସଭିଏଁ ଚାହାଁନ୍ତି ଶାନ୍ତି
ଆମେ ସବୁ ଶିଶୁ ପ୍ରୀତି ବାର୍ତ୍ତା ବାଣ୍ଟି
ସମାଜେ ଆଣିବୁ କ୍ରାନ୍ତି ॥
ଭୁଲି ରାଗ ରୋଷ ଭେଦଭାବ ଦ୍ୱେଷ
ଅନୁରାଗ ଭାବ ଢାଳି
ପ୍ରତିଟି ପ୍ରାଣରେ ଆଙ୍କିବୁ ରଙ୍ଗୋଲି
ହାତେ ଧରି ଖୁସି ତୂଳୀ ॥
ଅଜ୍ଞାନ ଅନ୍ଧାର ହଟାଇବୁ ଆମେ
ବିଛାଇବୁ ଜ୍ଞାନାଲୋକ
କୁସଂସ୍କାର ଯେତେ ପୋଛି ଦୁନିଆରୁ
ହେବୁ ଆମେ ସଂସ୍କାରକ ॥
ମାନବବାଦର ଟେକ ରଖିବାକୁ
କରିଛୁ ସଭିଏଁ ପଣ
ଭୁଲିଛୁ ମନରୁ ଜାତି ଧର୍ମ ବର୍ଣ୍ଣ
ଆମେ ଯେତେ ଶିଶୁଗଣ ॥
ସ୍ୱ ।ଧୀନ ଦେଶର ସନ୍ତାନ ଆମେରେ
ସତେ କେତେ ଭାଗ୍ୟବାନ
ଏ ଦେଶ ଜାତିର ପ୍ରଗତି ପଥରେ
ଢାଳିଦେବୁ ମନପ୍ରାଣ ॥
କଳା ବିଜ୍ଞାନ ଓ କାରିଗରୀ କ୍ଷେତ୍ରେ
ଆମ ଲକ୍ଷ୍ୟ ସଫଳତା
ଆତଙ୍କବାଦକୁ କରି ତିରସ୍କାର
ଦେବୁ ମୈ ତ୍ରୀତ୍ୱ ର ବାର୍ତ୍ତା ॥
ସେବା ଧର୍ମ ଆମ ଜୀବନ ଆଦର୍ଶ
ତ୍ୟାଗ ଆମ ମୂଳମନ୍ତ୍ର
ତମାମ ବିଶ୍ୱ କୁଦେଖାଇବୁ ଆମେ
ସତ୍ୟ ଅହିଂସାର ପଥ ॥

**ସୁଦର୍ଶନ ମହାପାତ୍ର**
କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨



# ସମୟର ମୂଲ୍ୟ

କୁନା ମୁନା ଧୁନା ଖେଳୁଥିଲେ ଖେଳ
କରି କେତେ ନୂଆ ନୂଆ ମିଛ ଆଳ
ଡାକିଲେ ଜେଜେ କହିଲେ ଶୁଣ
ଦୁନିଆ ଯାକରେ ସମୟ ଭାରି ଦୁର୍ମୂଲ୍ୟ ॥
ଆଜିର ସମୟ ଥରେ ଚାଲିଗଲେ
ଆଉ ଆସିବନି ଫେରି କେବେହେଲେ
ସମୟ ମୂଲ୍ୟକୁ ବୁଝିଯାଆ ପିଲେ
ସଫଳତା ହାତେ ଧରା ଦେବ ବଳେ ॥
ପାଠପଢ଼ା ବେଳେ ଖେଳିବ ଯଦିରେ
ରହିବ ଅବୁଝା ବୋଝଟି ମୁଣ୍ଡରେ
ଡରେଇବ ପାଠ ସବୁରି ପାଖରେ
ଲାଗିବ ଜୀବନ ବିତୁଛି ଅନ୍ଧାରେ ॥
ରବି ଚନ୍ଦ୍ର ଆତଯାତ ସମୟ ଅନୁସାରେ
ଦିନ ମାସ ବର୍ଷ ଋତୁ ବଦଳେ ପ୍ରକୃତିରେ
ସମୟଜ୍ଞାନକୁ ମାନି ଯିଏ ବାଟ ଚାଲେ
ସୁଖଦ ସିଦ୍ଧି ମୁକୁଟ ତାହାରି ମଥାରେ ॥
ପିଲାବେଳୁ ଆମେ ଶପଥ ନେବା
ସମୟ ମୂଲ୍ୟକୁ ହେୟ ନ କରିବା
ସମୟ ପୂର୍ବରୁ ସବୁ କାମ ସାରିବା
ଗାନ୍ଧିଜୀଙ୍କ ଆଦର୍ଶକୁ ମାନି ଚଳିବା ॥

**ଅନସୂୟା ପଣ୍ଡା**
ବୁର୍ଲା, ସମ୍ବଲପୁର
୯୪୩୯୨୧୧୯୭୧

# କୁଆଁର ପୁନେଇଁ ଶଶୀ



କୁଆଁର ପୁନେଇଁ ଶଶୀ
ମାଆ ଆସିଛନ୍ତି ମରତ ଧାମକୁ
ଗଜ ବାହନରେ ବସି
ବାଣ୍ଟିବେ ସେ ଧନରାଶି
ସବୁରି ମନରୁ ଦୁଃଖ ଦୂର ହୋଇ
ଖେଳିଯାଉ ହସ ଖୁସି ॥
ମାଆ ଭୋଗ ପାଇଁ ରହିଛି ଅନାଇ
ଚାଳରେ କାକୁଡ଼ି କଷି
ପଦୁଅଁ ଦେଉଛି ହସି
ପାଖୁଡାରେ ତା'ର ଲକ୍ଷ୍ମୀଠାକୁରାଣୀ
ମୁହଁ ଯାଉଅଛି ଦିଶି ॥
ଆନନ୍ଦେ ନାଚୁଛି ଚାଷୀ
ହରଷ ଚିତ୍ତରେ ମାଆ ଦୟାକଲେ
ଅମଳ ହୋଇବ ବେଶି
ମଧୁର ବଚନ ଭାଷି
ହାତ ଯୋଡ଼ି ଭକ୍ତ ଆଶିଷ ମାଗୁଛି
ଦିଅ ମା' କୃପା ବରଷି ॥

**ଜଗଦୀଶ ସାହୁ**
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬



# ଭିଗାନ ଫ୍ୟାଶନ



**ଫ୍ୟାଶନରେ ଧୀରେଧୀରେ ଅନେକ ପରିବର୍ତ୍ତନ ଆସିଛି । ବର୍ତ୍ତମାନ ଟ୍ରେଣ୍ଡରେ ରହିଛି ଭିଗାନ୍ ଫ୍ୟାଶନ ଯାହାକୁ ଯୁବପିଢି ଫଲୋ କରୁଥିବା ଦେଖିବାକୁ ମିଳୁଛି । ସେମାନଙ୍କ ଆଗ୍ରହ ଏହି ଫ୍ୟାଶନ ପାଇଁ ଖୁବ ଅଧିକ ବଢୁଥିବା ନଜରକୁ ଆସିଛି ।**

ଭିଗାନ ଫ୍ୟାଶନ କହିଲେ ଏଭଳି ପୋଷାକକୁ ବୁଝାଏ ଯେଉଁଗୁଡ଼ିକୁ ବିନା ପଶୁଙ୍କୁ ହାନି ପହଞ୍ଚାଇ ପ୍ରସ୍ତୁତ କରାଯାଇଥାଏ । ଏହି ଫ୍ୟାଶନର ଅର୍ଥ ପୃଥିବୀରେ ଥିବା ସମସ୍ତ ପଶୁଙ୍କୁ ସମ୍ମାନ ଦେବା ସହିତ ସେମାନଙ୍କୁ ହାନି ନପହଞ୍ଚାଇବା । ବିଗତ କିଛି ବର୍ଷ ଭିତରେ ଫ୍ୟାଶନର ପରିଭାଷା ବଦଳିଛି । ବର୍ତ୍ତମାନ ଲୋକ ଫ୍ୟାଶନ ସହିତ ପରିବେଶର ମଧ୍ୟ ଧ୍ୟାନ ରଖୁଛନ୍ତି । ପରିବେଶ ଉପଯୋଗୀ ଫ୍ୟାଶନ ପିନ୍ଧିବାକୁ ସମସ୍ତେ ଏବେ ବେଶି ଗୁରୁତ୍ୱ ଦେଉଛନ୍ତି । ଏହି ତାଲିକାରେ ସବୁଠାରୁ ଆଗରେ ରହିଛି ଭିଗାନ ଫ୍ୟାଶନ । ଯେଉଁଠାରେ ଲଗଜୁରୀ ସହିତ ସଷ୍ଟେନେବଲର ମଧ୍ୟ ବ୍ୟବହାର ବଢୁଛି । ବିଶେଷଭାବେ ଏହି ଫ୍ୟାଶନ ଲୋକଙ୍କ ଭିତରେ ପ୍ରାଣୀମାନଙ୍କ ସୁରକ୍ଷାକୁ ନେଇ ଏକ ବାର୍ତ୍ତା ପହଞ୍ଚାଇବାରେ ସହାୟକ ହେଉଛି । ଏହାଦ୍ୱାରା ଲୋକମାନେ ଲେଦରକୁ ନାଁ କହି ଏହାର ବିକଳ୍ପକୁ ଆପଣାଉଛନ୍ତି । ଏହି ଫ୍ୟାଶନ ଅଧୀନରେ ବିଭିନ୍ନ ପ୍ରକାର ସାମଗ୍ରୀ ଯେପରି ପୋଷାକ, ଜୋତା. ଚପଲ, ଆସେସରିଜ ଆଦି ସାମିଲ ରହୁଛି । ଏଗୁଡିକ ଲେଦର, ସିଲ୍କ, ଫର, ଫିଦର ଭଳି ପ୍ରାଣୀ ଜାତ ସାମଗ୍ରୀର ବିକଳ୍ପ ଭାବେ ବ୍ୟବହାର କରାଯାଉଛି । ସେହିଭଳି ଏହି ଫ୍ୟାଶନରେ ଲୁକକୁ ଧ୍ୟାନରେ ରଖାଯାଉଛି, ଲୋକଙ୍କୁ ଯେପରି ଷ୍ଟାଇଲରେ କମ୍ପ୍ରମାଇଜ କରିବାକୁ ନପଡେ ସେଥିପ୍ରତି ମେକର୍ସମାନେ ଧ୍ୟାନ ଦେଉଛନ୍ତି । ଏଥିରେ ବିଭିନ୍ନ କାଟାଗୋରୀର ସାମଗ୍ରୀ ସାମିଲ ରହିଛି ।













## ଫୁଟୱେୟାର

ଦିନ ଥିଲା ଭଲ କମ୍ଫଟେବଲ ଚପଲ ଓ ଜୋତା କଥା ଉଠିଲେ କେବଳ ଲେଦରକୁ ଗ୍ରହଣ କରାଯାଉଥିଲା । ହେଲେ ଧୀରେଧୀରେ କିନ୍ତୁ ଲେଦରର ସ୍ଥାନ ଭିଗାନ୍ ଜୋତା ନେବାରେ ଲାଗିଛି । ଏହି କାଟାଗୋରୀରେ ବିଭିନ୍ନ ପ୍ରକାରର ଯେପରି ସ୍ନିକର, ବୁଟ୍ସ, ସ୍ୟାଣ୍ଡେଲ ତଥା ହିଲ୍ସ ମିଳୁଛି । ଏସମସ୍ତ ସାମଗ୍ରୀକୁ ଫ୍ୟାଶନକୁ ଆଖିରେ ରଖି ପ୍ରସ୍ତୁତ କରାଯାଉଛି । ବିଭିନ୍ନ ଲଗଜୁରୀ ବ୍ରାଣ୍ଡ ବର୍ତ୍ତମାନ ଭିଗାନ ଜୋତା ତିଆରି କରିବା ସହିତ ବଜାରରେ ପ୍ରବେଶ କରୁଛନ୍ତି ।

## ବ୍ୟାଗ୍

କେବଳ ଜୋତା ନୁହେଁ ଭିଗାନ ଫ୍ୟାଶନରେ ସାମିଲ ହୋଇଛି ବ୍ୟାଗ ସହିତ ବିଭିନ୍ନ ଆସେସରିଜ୍ ମଧ୍ୟ ସାମିଲ ରହିଛି । ଏହି ତାଲିକାରେ ବ୍ୟାଗ୍ ପ୍ୟାକ, କଲେଜ ବ୍ୟାଗ, ପର୍ସ, ଭ୍ୟାନିଟି, ଘଣ୍ଟା ଆଦି ସବୁ ସାମଗ୍ରୀ ସାମିଲ ରହିଛି । ଯାହା ଆପଣଙ୍କ ଫ୍ୟାଶନକୁ ଖୁବ ଆଗକୁ ନେବ । ଆପଣ ଲେଦରକୁ ଭଲ ପାଉଥିଲେ ମଧ୍ୟ ଏହି ସମସ୍ତ ସାମଗ୍ରୀ ଆପଙ୍କର ଏକ ଭଲ ବିକଳ୍ପ ଭାବେ କାର୍ଯ୍ୟ କରିବ । ଏଥିରେ ଆପଣ ସାଧାରଣ ବ୍ରାଣ୍ଡ ଠାରୁ ଆରମ୍ଭ କରି ଲଗଜୁରୀ ବ୍ରାଣ୍ଡ ପର୍ଯ୍ୟନ୍ତ ସମସ୍ତ କାଟାଗୋରୀର ସାମଗ୍ରୀ ପାଇପାରିବେ । ସେହିଭଳି ଏଗୁଡିକ ଖୁବ ସିମ୍ପଲ ଡିଜାଇନରେ ଉପଲବ୍ଧ ।

## ପୋଷାକ

କେବଳ ଯେ ସାମଗ୍ରୀ କି ଜୋତା ତାହା ନୁହେଁ ଭିଗାନ ଫ୍ୟାଶନରେ ପୋଷାକ ମଧ୍ୟ ସାମିଲ ରହିଛି । ଏଥିରେ ଶୀତବସ୍ତ୍ର ଠାରୁ ଆରମ୍ଭ କରି ୱେଷ୍ଟର୍ଣ୍ଣ ଟପସ ପର୍ଯ୍ୟନ୍ତ ସବୁ ସାମଗ୍ରୀ ସାମିଲ ରହିଛି । ଏଥିରେ ଟ୍ରେଣ୍ଡରେ ଥିବା ଭଲଭଲ ଡିଜାଇନ୍କୁ ମଧ୍ୟ ସାମିଲ କରାଯାଉଛି । ଯେଉଁ ଗୁଡିକ ଆପଣଙ୍କୁ ଫ୍ୟାଶନେବଲ ରଖିବା ସହିତ ଖୁବ ଭଲ ଲୁକ ଦେବ ।

## ଆସେସରିଜ

ଏଥିରେ ବିଭିନ୍ନ ଆସେସରିଜ ମଧ୍ୟ ସାମିଲ ରହିଛି । ଯେପରି ସନ୍ ଗ୍ଲାସ, ମେକଅପ ବ୍ୟାଗ, ଜୁଏଲାରୀ । ଏହି ସମସ୍ତ ସାମଗ୍ରୀକୁ କୌଣସି ପଶୁଙ୍କୁ କ୍ଷତି ନପହଞ୍ଚାଇ ପ୍ରସ୍ତୁତ କରାଯାଉଛି । ପ୍ରାଣୀ ନୁହେଁ ବରଂ ଲାବର ବ୍ୟବହାର କରାଯାଇ ଏହି ସିନ୍ଥେଟିକ ସାମଗ୍ରୀ ଗୁଡିକୁ ପ୍ରସ୍ତୁତ କରାଯାଉଛି । ଯାହାକୁ ସମସ୍ତେ ବ୍ୟବହାର କରିପାରିବେ ।





# ଗିଲ ଯୁଗର ଆରମ୍ଭ

**ଇତିହାସ ସାକ୍ଷୀ । ଦଶନ୍ଧି ଦଶନ୍ଧି ଧରି ଭାରତୀୟ କ୍ରିକେଟ ପଟ ପରିବର୍ତ୍ତନ କରିଛି । ଦଳର ନେତୃତ୍ୱ ମଧ୍ୟ ତଦନୁଯାୟୀ ବଦଳିଛି । ସମୟ ସହ ନେତୃତ୍ୱ ନେଉଥିବା କ୍ରିକେଟର ସମୟ ଚକ୍ରରୁ ବର୍ତ୍ତିପାରି ନାହାଁନ୍ତି, ସମସ୍ତଙ୍କ ରାଜୁତିରେ ବିରତି ଲାଗିଛି । ସେହି କ୍ରମରେ ଏବେ ଦଳର କମାଣ ଜଣେ ନବାଗତଙ୍କ ହାତରେ । ସେ ହେଉଛନ୍ତି ୨୬ ବର୍ଷିୟ ଶୁଭମନ ଗିଲ ଯିଏ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦଳର କମାଣ ଧରିଛନ୍ତି । ତାଙ୍କ ଆଗମନ ସହ ଭାରତୀୟ କ୍ରିକେଟରେ ଯୁବା ଯୁଗର ଅଧ୍ୟାମାରମ୍ଭ ହୋଇଛି...**

୧୯୮୩ ବିଶ୍ୱକପ ବିଜେତା ଦଳର ଅଧିନାୟକ କପିଳ ଦେବ ହୁଅନ୍ତୁ ଅଥବା ୨୦୦୩ ବିଶ୍ୱକପରେ ଦଳକୁ ଉପବିଜେତା ବନାଇଥିବା ସୌରଭ ଗାଙ୍ଗୁଲୀ ତଥା ୨୦୦୭ ଟି-୨୦ ବିଶ୍ୱକପ, ୨୦୧୧ ଦିନିକିଆ ବିଶ୍ୱକପ ଏବଂ ୨୦୧୩ ଚାମ୍ପିଅନ୍ସ ଟ୍ରଫିରେ ଦଳକୁ ଚାମ୍ପିଅନ କରି ସଫଳ ଅଧିନାୟକ ପାଲଟିଥିବା ମହେନ୍ଦ୍ର ସିଂ ଧୋନୀ । ପୁଣି ବିରାଟ କୋହଲି ସହ ରୋହିତ ଶର୍ମା ଭାରତୀୟ କ୍ରିକେଟ ଦଳର ନେତୃତ୍ୱ ମଙ୍ଗ ଧରିଥିଲେ । ଭାରତୀୟ କ୍ରିକେଟରେ ରୋହିତଙ୍କ ନେତୃତ୍ୱ ଯୁଗର ଆପାତତଃ ଅବସାନ ଘଟିଛି । ଦିନିକିଆ ଓ ଟେଷ୍ଟରେ ଗିଲ୍‌ଙ୍କୁ ଟିମ୍ ଇଣ୍ଡିଆର ନେତୃତ୍ୱଭାର ମିଳିଥିଲେ ମଧ୍ୟ ଏସିଆ କପ୍ ବିଜୟ ପରେ ସୂର୍ଯ୍ୟକୁମାର ଯାଦବ ଟି-୨୦ ଅଧିନାୟକ ପଦ ବଜାୟ ରଖିଛନ୍ତି । ଅନ୍ୟଏକ ସ୍ୱାଗତଯୋଗ୍ୟ ଘଟଣାକ୍ରମରେ ତାରକା କ୍ରିକେଟର୍ ବିରାଟ କୋହଲି ଭାରତୀୟ ଦିନିକିଆ ଦଳକୁ ଫେରିଛନ୍ତି । ଯାହା ତାଙ୍କ ପ୍ରଶଂସକଙ୍କୁ ଉଲ୍ଲସିତ କରିଛି । ରୋହିତ ଅଧିନାୟକ ପଦକ ହରାଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଶୃଙ୍ଖଳା ଲାଗି ଭାରତୀୟ ଦଳକୁ ଫେରିଛନ୍ତି । ଯାହା ତାଙ୍କ ସମର୍ଥକଙ୍କ ପାଇଁ ଖଟା-ମିଠା ଅନୁଭବ ହୋଇଛି । ତାଙ୍କ ନେତୃତ୍ୱରେ ଭାରତ ଗତ ମାର୍ଚ୍ଚରେ ଚାମ୍ପିଅନ୍ସ ଟ୍ରଫି ଏବଂ ଗତବର୍ଷ ଟି-୨୦ ବିଶ୍ୱକପ୍ ଜିତିଥିଲା । ସେହିଭଳି ୨୦୨୩ ଦିନିକିଆ ବିଶ୍ୱକପରେ ଉପବିଜେତା ହୋଇଥିଲା ।






# ଏହି କାରଣ ହେଲା ରୋହିତଙ୍କ ପାଇଁ କାଳ

**ଭାରତୀୟ କ୍ରିକେଟର ଏକ ମହାନ ଅଧିନାୟକ ରୋହିତ ଶର୍ମାଙ୍କ କ୍ୟାରିୟର ଉପରେ ଧୀରେ ଧୀରେ ପୂର୍ଣ୍ଣଚ୍ଛେଦ ପଡିବାରେ ଲାଗିଛି । ୨୦୨୭ ଦିନିକିଆ ବିଶ୍ୱକପରେ ଟିମ ଇଣ୍ଡିଆର ନେତୃତ୍ୱ ନେଇ ଜିତାଇବା ରୋହିତଙ୍କ ସ୍ୱପ୍ନ ଥିଲା । ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳାରେ ତାଙ୍କୁ ଅଧିନାୟକ ପଦରୁ ହଟାଯାଇ ଶୁଭମନ ଗିଲଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା । ଅନ୍ୟ ଅର୍ଥରେ ରୋହିତ ଏବେ ନିଜ ସ୍ଥାନ ସୁରକ୍ଷିତ ରଖିବା ପାଇଁ ଯୁବ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦିତା କରିବାକୁ ପଡିବ । ବିସିସିଆଇ। ଚୟନ କମିଟି ତାଙ୍କ ହାତ ବାନ୍ଧି ଦେଇଛନ୍ତି । ତେବେ କେଉଁ ସବୁ କାରଣ ଯୋଗୁ ରୋହିତ ଅଧିନାୟକ ପଦ ହରାଇଲେ...**

ଦିନିକିଆ ବିଶ୍ୱକପ ପାଇଁ ଯଥେଷ୍ଟ ସମୟ: ୨୦୨୭ ବିଶ୍ୱକପ ପାଇଁ ଯଥେଷ୍ଟ ସମୟ ରହିଛି । ଏବେଠାରୁ ଚୟନ କମିଟି ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରଷା କରି ଚୁପ ବସିବାକୁ ଚାହୁଁନି । ଯୁବ ଖେଳାଳିଙ୍କୁ ଏହି ସମୟ ମଧ୍ୟରେ ଦାୟିତ୍ୱ ସମ୍ପନ୍ନ କରିବାକୁ ବିସିସିଆଇ ଚାହିଁବ । ଶୁଭମନ ଗିଲ ଟେଷ୍ଟ ପରେ ଦିନିକିଆ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ।

**ଘରୋଇ କ୍ରିକେଟ ନ ଖେଳିବା:** ୨୦୧୩ ପର୍ଯ୍ୟନ୍ତ ରୋହିତ ଶର୍ମା ନିୟମିତ ଘରୋଇ କ୍ରିକେଟରେ ଖେଳୁଥିଲେ । ୨୦୧୮ ରେ ସେ ଶେଷ ଥର ମୁମ୍ବାଇ ପକ୍ଷରୁ ବିଜୟ ହଜାରେ ଟ୍ରଫି ଖେଳିଥିଲେ । ଚୟନ କମିଟି ଏବେ ପ୍ରତ୍ୟେକ ଖେଳାଳିଙ୍କୁ ଘରୋଇ କ୍ରିକେଟ ଖେଳିବା ଉପରେ ଜୋର ଦେଉଛନ୍ତି । ରୋହିତ ଏହାଠାରୁ ଦୂରେଇ ରହିବା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି ।

**ବାଧକ ହେଉଛି ବୟସ:** ରୋହିତଙ୍କୁ ଏବେ ୩୮ ବର୍ଷ । ଆଗାମୀ ବିଶ୍ୱକପ ବେଳକୁ ତାଙ୍କୁ ୪୦ ହୋଇଯାଇଥିବ । ଯାହାକି ତାଙ୍କ ଫର୍ମ ଏବଂ ଫିଟନେସ ଉପରେ ଏକ ପ୍ରଶ୍ନବାଚୀ ସମସ୍ତଙ୍କ ମନରେ ସୃଷ୍ଟି କରିବ । ମହିନ୍ଦର ଅମରନାଥଙ୍କ ବ୍ୟତୀତ ଭାରତର ଅନ୍ୟ କୌଣସି ଖେଳାଳି ଏତେ ବର୍ଷ ପର୍ଯ୍ୟନ୍ତ ସୀମିତ ଓଭର ମ୍ୟାଚ ଖେଳି ନାହାନ୍ତି । ଅମରନାଥ ୩୯ ବର୍ଷ ପର୍ଯ୍ୟନ୍ତ ଖେଳିଥିଲେ । ରୋହିତ ୩୭ ବର୍ଷ ବୟସରେ ଭାରତର ନେତୃତ୍ୱ ନେଇ ଚାମ୍ପିୟନ୍ସ ଟ୍ରଫିରେ ବିଜୟୀ କରାଇଥିଲେ । ତେବେ ଚୟନ କମିଟି ଏଥିରେ ପ୍ରଭାବିତ ହେଲା ଭଳି ଲାଗୁନି ।

**ଭିନ୍ନ ଅଧିନାୟକ ସପକ୍ଷରେ ନାହିଁ ବିସିସିଆଇ:** ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ ୩ଟି ଯାକ ଫର୍ମାଟରେ ଅଲଗା ଅଲଗା ଅଧିନାୟକ ଚାହୁଁନି । ଶୁଭମନ ଗିଲ ଏବେ ଟେଷ୍ଟ ଏବଂ ଦିନିକିଆ ଦଳର ନେତୃତ୍ୱ ନେବେ । ସେହିପରି ସୂର୍ଯ୍ୟକୁମାର ଯାଦବ ଟି-୨୦ରେ ଅଧିନାୟକ ରହିଛନ୍ତି । ରିପୋର୍ଟ ମୁତାବକ ଗିଲ ଖୁବଶୀଘ୍ର ଟି-୨୦ରେ ମଧ୍ୟ ଭାରତର ନେତୃତ୍ୱ ନେବେ । ରୋହିତ ଅଧିନାୟକ ରହିଥିଲେ ୩ଟି ଯାକ ଫର୍ମାଟରେ ଭିନ୍ନ ଭିନ୍ନ କ୍ୟାପେଟନ ହୋଇଥାନ୍ତେ ।

**ଯୁବ ବାହିନୀ ପ୍ରସ୍ତୁତ:** ରୋହିତ ୨୦୨୩ ପରଠାରୁ ଟିମ ଇଣ୍ଡିଆର ଓପିନଂ ବ୍ୟାଟିଂ ଶୈଳୀରେ ବଡ ପରିବର୍ତ୍ତନ ଆଣିଥିଲେ । ସେ ଆରମ୍ଭରୁ ବଡ ଶଟ ଖେଳି ବିପକ୍ଷ ଦଳକୁ ଚାପରେ ପକାଇଥିଲେ । ୨୦୨୨ ପର୍ଯ୍ୟନ୍ତ ରୋହିତ ଲମ୍ବା ଇନିଂସ ଖେଳୁଥିବା ବେଳେ ଏଥିରେ ପରିବର୍ତ୍ତନ ଆଣିଛନ୍ତି । ଅଧୁନା ଯଶସ୍ୱୀ ଜୈସ୍ୱାଲ, ଅଭିଷେକ ଶର୍ମା ଓ ରୁତୁରାଜ ଗାଏକ୍ୱାଡଙ୍କ ପରି ଖେଳାଳି ରୋହିତଙ୍କ ସ୍ଥାନ ନେବା ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି । ଯାହା ରୋହିତଙ୍କୁ ବ୍ୟାକଫୁଟକୁ ଠେଲି ଦେଇଛି ।

## ଶୁଭମନ ଗିଲ୍

**ଜନ୍ମ :-** ୧୯୯୯ ସେପ୍ଟେମ୍ବର ୮
**ବୟସ :-** ୨୬
**ଟି -୨୦ ଡେବ୍ୟୁ :** ୨୦୨୩
**ଟେଷ୍ଟ ଡେବ୍ୟୁ :** ୨୦୨୦
**ଦିନିକିଆ ଡେବ୍ୟୁ :** ୨୦୧୯
**ଆଇପିଏଲ୍ ଡେବ୍ୟୁ :** ୨୦୧୮
**ଟେଷ୍ଟ :** ୩୮ ମ୍ୟାଚ, ୨୬୯୭ ରନ୍, ସର୍ବାଧିକ -୨୬୯
**ଦିନିକିଆ :** ୫୫ ମ୍ୟାଚ୍, ୨୭୭୫ ରନ୍, ସର୍ବାଧିକ- ୨୦୮
**ଟି -୨୦ :** ୨୮ ମ୍ୟାଚ୍, ୭୦୫ ରନ୍, ସର୍ବାଧିକ -୧୨୬
**ଆଇପିଏଲ୍:** ୧୧୮ ମ୍ୟାଚ୍, ୩୮୬୬ ରନ୍, ସର୍ବାଧିକ -୧୨୯
**ଦଳ :-** ପଞ୍ଜାବ, ୧୯ ବର୍ଷରୁ କମ୍ ଭାରତ, ଭାରତ ଏ, କୋଲକାତା ନାଇଟ୍ ରାଇଡର୍ସ
ଭାରତ ବି, ଭାରତ ସି, ଭାରତ ବ୍ଲୁ, ଭାରତୀୟ ଜାତୀୟ ଦଳ, ଗୁଜରାଟ ଟାଇଟାନ୍ସ, ଲିସେଷ୍ଟର ସାୟାର, ଗ୍ଲାମୋରଗାନ, ନର୍ଥ ଜୋନ୍
**ଟେଷ୍ଟ ଅଧିନାୟକ** ୨୦୨୫, ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ୨-୨
**ଦିନିକିଆ ଅଧିନାୟକ** ୨୦୨୫, ଅଷ୍ଟ୍ରେଲିଆ ଗସ୍ତ

# ରୋହିତ, କୋହଲିଙ୍କ ପାଇଁ ହୋଇପାରେ ବିଦାୟକାଳୀନ ଶୃଙ୍ଖଳା

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳର ଘୋଷଣା କରାଯାଇଛି । ଏହା ଭାରତର ଦୁଇ ମହାନ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ବିଦାୟକାଳୀନ ସିରିଜ ହେବାକୁ ଯାଉଛି କହିଲେ ଭୁଲ ହେବନି । ରୋହିତ ଶର୍ମାଙ୍କୁ ଅଧିନାୟକ ପଦରୁ ହଟାଯିବା ପରେ ଏବେ ଅନୁମାନ ପ୍ରଶଂସକଙ୍କୁ ନିରାଶ କରିଛି । ଟେଷ୍ଟ ଏବଂ ଅନ୍ତର୍ଜାତୀୟ ଟି-୨୦ରୁ ଉଭୟ ଖେଳାଳି ପୂର୍ବରୁ ଅବସର ଘୋଷଣା କରି ସାରିଛନ୍ତି । ଦୁଇ ଷ୍ଟାର ଖେଳାଳି ୨୦୨୭ ବିଶ୍ୱକପ ଖେଳିବା ସେମାନଙ୍କ ଶେଷ ସ୍ୱପ୍ନ ବୋଲି କହିଥିଲେ । ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ବୟାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ସେ ସ୍ପଷ୍ଟ ଭାବେ କହିଛନ୍ତି ରୋହିତ ଓ କୋହଲି ବିଶ୍ୱକପ ଖେଳିବା ସମ୍ପର୍କରେ ସ୍ପଷ୍ଟ ନିଷ୍ପତି ଜଣାଇ ନାହାନ୍ତି । ସେମାନେ ବୋଧହୁଏ ଏଥିପାଇଁ ମନ ବଳାଇ ନାହାନ୍ତି ବୋଲି ଅଗରକର କହିଛନ୍ତି ।

ତେବେ ଏହା କ'ଣ ସେମାନଙ୍କ ବିଦାୟୀ ସିରିଜ କି? ପ୍ରଶ୍ନର



ଉତ୍ତର ସେ ଚତୁରତାର ସହ ଏଡାଇ ଦେଇଥିଲେ । ଏହା ଗୁଜବ ହୋଇପାରେ କାରଣ କୋହଲି କିମ୍ବା ରୋହିତ ଏ ସମ୍ପର୍କରେ କିଛି କହି ନାହାନ୍ତି । ଯଦି କୌଣସି ଖେଳାଳି ଅନ୍ତର୍ଜାତୀୟ କ୍ରିକେଟ ଖେଳିନାହାନ୍ତି, ତେବେ ତାଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ପଡିବ ବୋଲି ଅଗରକର ଦୃଢ଼ତା ସହକାରେ କିଛି ଦିନ ତଳେ କହିଥିଲେ । ରୋହିତ ଓ କୋହଲିଙ୍କୁ ବୋଧହୁଏ ଏହା ଗ୍ରହଣୀୟ ହୋଇ ନ ଥିବ । ତେବେ ସେମାନେ କୌଣସି ପ୍ରକାରର ଘୋଷଣା କରି ନ ଥିବାରୁ ଅଷ୍ଟ୍ରେଲିଆ ସିରିଜ ଶେଷ ଯାଏଁ ଅପେକ୍ଷା କରିବାକୁ ପଡିବ ।

## ଗିଲ୍‌ଙ୍କୁ କାହିଁକି ମିଳିଲା ଦାୟିତ୍ୱ ?

ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଦିନିକିଆ ଓ ଟି-୨୦ ସିରିଜ ପାଇଁ ବିସିସିଆଇ ଭାରତୀୟ ଟିମ୍ ଘୋଷଣା କରିଥିଲା । ଶୁବମନ ଗିଲଙ୍କୁ ଟେଷ୍ଟ ପରେ ଦିନିକିଆ ଟିମର ଅଧିନାୟକ କରାଯାଇଛି । ବିରାଟ କୋହଲି ଓ ରୋହିତ ଶର୍ମା ଦିନିକିଆ ଦଳର ସଦସ୍ୟ ଅଛନ୍ତି, କିନ୍ତୁ ରୋହିତ ଶର୍ମାଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯାଇଛି । ବିରାଟ କୋହଲିଙ୍କ ପରି ରୋହିତ ଶର୍ମାଙ୍କୁ ବି ଭଲ ରେକର୍ଡ ଥିବା ସତ୍ତ୍ୱେ ଅଧିନାୟକ ପଦ ହରାଇବାକୁ ପଡ଼ିଛି ।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଦଳ ଘୋଷଣା ହେବାର କିଛି ଦିନ ପୂର୍ବରୁ ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ । ରୋହିତ୍ ଶର୍ମା ସେହି ସମୟରେ ଟେଷ୍ଟ ଟିମର ଅଧିନାୟକ ଥିଲେ, କିନ୍ତୁ ଚୟନକର୍ତ୍ତା ଶୁବମନ ଗିଲଙ୍କୁ ଅଧିନାୟକ କରିବା ଇଚ୍ଛାକୁ ରୋହିତ ଶର୍ମାଙ୍କୁ ଜଣାଇ ଦେଇଥିଲେ । ଏହା ପୂର୍ବରୁ ୨୦୨୧ରେ ବିରାଟ କୋହଲିଙ୍କୁ ମଧ୍ୟ ସମାନ ସ୍ଥିତିର ସାମନା କରିବାକୁ ପଡ଼ିଥିଲା । କୋହଲି ଟି-୨୦ ଫର୍ମାଟରେ କ୍ୟାପେଟନ୍ସି ଛାଡ଼ିବା ପାଇଁ ମନସ୍ଥ କରିଥିଲେ, ଏହାପରେ ବିସିସିଆଇ ତାଙ୍କୁ ଦିନିକିଆ ଟିମର କ୍ୟାପେଟନ୍ସି ପଦରୁ ହଟାଇ ଦେଇଥିଲା । ପରେ ବିନା କୌଣସି କାରଣରେ ତାଙ୍କଠାରୁ ଟେଷ୍ଟ ଦାୟିତ୍ୱ ମଧ୍ୟ ଛଡାଇ ନିଆଯାଇଥିଲା । ଏବେ ଶୁଭମନ ଗିଲ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନ ଦେଇଛନ୍ତି ।

## ରୋହିତ ସମ୍ମାନ ପାଇଁ ଯୋଗ୍ୟ

ରୋହିତଙ୍କ ଟେଷ୍ଟ କ୍ରିକେଟରୁ ଅବସର ପରେ, ଗିଲଙ୍କୁ ଖେଳର ଲମ୍ବା ଫର୍ମାଟରେ ଭାରତୀୟ ଦଳର ଅଧିନାୟକ କରାଯାଇଥିଲା । ୩୮ ବର୍ଷୀୟ ରୋହିତ ଶର୍ମାଙ୍କୁ ଏକଦିବସୀୟ ଦଳର ଅଧିନାୟକ ପଦରୁ ହଟାଇବା ନିଷ୍ପତ୍ତି ପ୍ରଶଂସକ ଏବଂ କ୍ରିକେଟ ବିଶେଷଜ୍ଞଙ୍କୁ ଆଶ୍ଚର୍ଯ୍ୟ କରିଛି । ଅନ୍ତତଃ ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ରୋହିତ ଶର୍ମା ଦିନିକିଆ ଦଳର ଅଧିନାୟକ ରହିବେ ବୋଲି ଅଧିକାଂଶ ଆଶା କରୁଥିଲେ । ତଥାପି ବିସିସିଆଇ ଏପରି ଏକ ନିଷ୍ପତ୍ତି ନେଇଛି ଯାହା ଉପରେ ପ୍ରଶ୍ନ ଉଠିବା ନିଶ୍ଚିତ । ତେବେ ଆଲୋଚନା ହେଉଛି ଯଦି ରୋହିତଙ୍କୁ କ୍ୟାପେଟନ୍ସିରୁ ହଟାଇବା କଥା ବିଚାର ହେଉଥିଲା, ତେବେ ଏହା ସମ୍ମାନର ସହିତ କରାଯିବା କ'ଣ ଉଚିତ ନଥିଲା । ରୋହିତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ଅଧିନାୟକ ଭାବରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ ଭଲ ହୋଇନଥାନ୍ତା କି? ଏହା ପରେ ବିସିସିଆଇ ନୂଆ ଅଧିନାୟକଙ୍କୁ ନିଯୁକ୍ତ କରିଥିଲେ ହୋଇନଥାନ୍ତା କି? ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଦିନେ ଖେଳାଳିମାନଙ୍କ ବିଦାୟକାଳୀନ କାର୍ଯ୍ୟକ୍ରମ ପାଇଁ ଓକିଲାତି କରିଥିଲେ । କିନ୍ତୁ ଭାରତୀୟ ଦଳର ମୁଖ୍ୟ କୋଚ୍ ହେବା ପରଠାରୁ ତାଙ୍କର ଦୃଷ୍ଟିକୋଣ ବଦଳି ଯାଇଛି । ଚଳିତ ବର୍ଷ ଅଗଷ୍ଟରେ ଗମ୍ଭୀର କହିଥିଲେ ଯେ ଖେଳାଳିମାନଙ୍କ ପାଇଁ ବିଦାୟକାଳୀନ କାର୍ଯ୍ୟକ୍ରମ ଅପ୍ରାସଙ୍ଗିକ ବରଂ ଲୋକମାନେ ସେମାନଙ୍କ ଅବଦାନକୁ ମନେ ରଖିବା ଉଚିତ । ବିସିସିଆଇ ଏଭଳି ପଦକ୍ଷେପ କାହିଁକି ନେଲା ସେ ବାବଦରେ କ୍ରିକେଟ୍ ମହଲରେ ଏବେ ପ୍ରଶ୍ନ ଉଠୁଛି । କୁହାଯାଉଛି ଯେ ବୋର୍ଡ ଭବିଷ୍ୟତକୁ ଆଖିରେ ରଖି ଶୁବମନ ଗିଲ୍ ଭଳି ଜଣେ ଯୁବ ଖେଳାଳିଙ୍କ ଉପରେ ବିଶ୍ୱାସ ରଖିଛି । ୨୦୨୭ ଦିନିକିଆ ବିଶ୍ୱକପ୍ ପାଇଁ ଆଉ ଦୁଇ ବର୍ଷ ବାକି ଥିବାରୁ, ବୋର୍ଡ ସମ୍ଭବତଃ ଜଣେ ଯୁବ ଖେଳାଳିଙ୍କୁ ନେତୃତ୍ୱ ଦେବାକୁ ଚାହୁଁଥିଲା । ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ରୋହିତଙ୍କୁ ହଟାଯିବା ଉପରେ ମଧ୍ୟ ଯୁକ୍ତି ରଖିଥିଲେ । ସେ କହିଥିଲେ, ତିନୋଟି ଫର୍ମାଟ ପାଇଁ ତିନି ଜଣ ଭିନ୍ନ ଭିନ୍ନ ଅଧିନାୟକ ରହିବା କଷ୍ଟକର ହୋଇଥାନ୍ତା ଏବଂ ଶୁବମନ ଗିଲଙ୍କୁ ଅଧିନାୟକ ଭାବେ ସମୟ ଦେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଅଗରକରଙ୍କ ବୟାନରୁ ଜଣାପଡୁଥିଲା ଯେପରି ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୭ ବିଶ୍ୱକପରେ ଅଂଶଗ୍ରହଣ କରିନପାରନ୍ତି ।




### ରୋହିତ ଶର୍ମା

**ଜନ୍ମ :** ୩୦ ଏପ୍ରିଲ୍ ୧୯୮୭
**ସ୍ଥାନ :** ନାଗପୁର, ମହାରାଷ୍ଟ୍ର
**ଉଚ୍ଚତା :** ୫ ଫୁଟ୍ ୯ ଇଞ୍ଚ୍
**ଭୂମିକା :** ଟପ୍ ଅର୍ଡର ବ୍ୟାଟର
**ବ୍ୟାଟିଂ ଷ୍ଟାଇଲ୍ :** ଡାହାଣ ହାତୀ
**ବୋଲିଂ ଷ୍ଟାଇଲ୍ :** ଡାହାଣ ହାତୀ ଅଫ୍ସ୍ପିନ୍
**ଟେଷ୍ଟ :** ୬୭ ମ୍ୟାଚ, ୪୩୦୧ ରନ୍, ସର୍ବାଧିକ- ୨୧୨
**ଦିନିକିଆ :** ୨୭୩ ମ୍ୟାଚ୍, ୧୧୧୬୮ ରନ୍, ସର୍ବାଧିକ-୨୬୪
**ଟି -୨୦ :** ୧୫୯ ମ୍ୟାଚ୍, ୪୨୩୧ ରନ୍, ସର୍ବାଧିକ -୧୨୧
**ଆଇପିଏଲ୍ :** ୨୭୨ ମ୍ୟାଚ୍, ୭୦୪୬ ରନ୍, ସର୍ବାଧିକ -୧୦୯

- ୨୦୦୭ରେ ଟି -୨୦ ଡେବ୍ୟୁ
- ୨୦୧୩ରେ ଟେଷ୍ଟ ଡେବ୍ୟୁ
- ୨୦୦୭ରେ ଦିନିକିଆ ଡେବ୍ୟୁ
- ୨୦୦୮ରେ ଆଇପିଏଲ୍ ଡେବ୍ୟୁ
- ୨୦୧୫ରେ ରିତିକା ସଜଦେବଙ୍କୁ ବିବାହ
- ଦିନିକିଆରେ ୩ ଥର ଦ୍ୱି-ଶତକୀୟ ଇନିଂସ
- ୨୦୨୨ରେ ଭାରତୀୟ ଦଳର ପୂର୍ଣ୍ଣକାଳୀନ ଅଧି ନାୟକ
- ୨୦୨୪ ଟି -୨୦ ବିଶ୍ୱ କପ୍
- ୨୦୨୫ ଚାମ୍ପିଅନ ଟ୍ରଫି

## କିଏ ଶ୍ରେଷ୍ଠ...

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପାଇଁ ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତୀୟ ଦଳର ଘୋଷଣା କରାଯାଇଛି । ଦୀର୍ଘ ଦିନ ପରେ ରୋହିତ ଶର୍ମାଙ୍କ ହାତରୁ ଅଧିନାୟକ ପଦ ହାତଛଡା ହୋଇଛି । ଭାରତୀୟ କ୍ରିକେଟର ଦୁଇ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ରୋହିତ ଶର୍ମାଙ୍କ ମଧ୍ୟରେ ଏକ ତୁଳନାତ୍ମକ ବିଶ୍ଳେଷଣ କରାଯାଇଥିଲା । ପରିସଂଖ୍ୟାନରେ ଆଶ୍ଚର୍ଯ୍ୟଜନକ ତଥ୍ୟ ସମ୍ମୁଖକୁ ଆସିଥିଲା ।

**ଦିନିକିଆ କ୍ରିକେଟ:** ଏମଏସ ଧୋନୀ ଭାରତ ପାଇଁ ୨୦୦ରୁ ଅଧିକ ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି । ଏଥିରେ ୧୧୦ ମ୍ୟାଚରେ ବିଜୟ ହାସଲ କରିଥିବା ବେଳେ ୭୪ରେ ପରାଜିତ ହୋଇଛନ୍ତି । ତାଙ୍କ ବିଜୟ ପ୍ରତିଶତ ୫୫ ରହିଛି । ଅପରପକ୍ଷରେ ରୋହିତ ତାଙ୍କ ତୁଳନାରେ କମ ମ୍ୟାଚରେ ଦଳର ନେତୃତ୍ୱ ନେଇଛନ୍ତି । ସେ ୫୬ ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି । ଟିମ ଇଣ୍ଡିଆ ୪୨ ମ୍ୟାଚରେ ବିଜୟ ଓ ୧୨ ମ୍ୟାଚରେ ପରାଜିତ ହୋଇଛି । ଅଧିନାୟକ ଭାବେ ରୋହିତଙ୍କ ବିଜୟ ପ୍ରତିଶତ ୭୫ ରହିଛି ।

**ଟି-୨୦ କ୍ରିକେଟ:** ଟି-୨୦ରେ ରୋହିତ ଓ ଧୋନୀ ପ୍ରାୟତଃ ସମାନ ମ୍ୟାଚରେ ଦଳର ନେତୃତ୍ୱ ନେଇଛନ୍ତି । ଧୋନୀ ୭୨ ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇଥିବା ବେଳେ ଦଳ ୪୧ରେ ବିଜୟ ଓ ୨୮ରେ ପରାଜିତ ହୋଇଛି । ଅପରପକ୍ଷରେ ରୋହିତ ୬୧ ମ୍ୟାଚରେ ଟିମ ଇଣ୍ଡିଆର ନେତୃତ୍ୱ ନେଇଛନ୍ତି । ଦଳ ୪୯ ମ୍ୟାଚରେ ବିଜୟ ହାସଲ କରିଥିବା ବେଳେ ୧୨ରେ ପରାଜିତ ହୋଇଛି ।

**ଟେଷ୍ଟ ଅଧିନାୟକ:** ଧୋନୀ ୬୦ ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ କରିଛନ୍ତି । ଟିମ ଇଣ୍ଡିଆ ୨୭ରେ ବିଜୟ ଓ ୧୮ରେ ପରାଜିତ ହୋଇଛି । ୧୫ ମ୍ୟାଚ ଡ୍ର ରହିଛି । ଧୋନୀଙ୍କ ବିଜୟ ପ୍ରତିଶତ ୪୫ ରହିଛି । ଅପରପକ୍ଷରେ ରୋହିତ ୨୪ ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ ନେଇଛନ୍ତି । ଟିମ ଇଣ୍ଡିଆ ୧୨ରେ ବିଜୟ ଓ ୯ରେ ପରଜିତ ହୋଇଛି । ୩ଟି ମ୍ୟାଚ ଡ୍ର ରହିଛି । ରୋହିତଙ୍କ ବିଜୟ ପ୍ରତିଶତ ୫୦ ରହିଛି । ପରିସଂଖ୍ୟାନରେ ରୋହିତ ଆଗରେ ରହିଛନ୍ତି । ଧୋନୀ ୩ଟି ଆଇସିସି ଟ୍ରଫି ଜିତିଥିବା ବେଳେ ରୋହିତ ୨ଟି ଜିତିଛନ୍ତି ।



ଅନେକ ସମୟରେ ସାରା ତେନ୍ଦୁଲକରଙ୍କୁ ନେଇ ଚର୍ଚ୍ଚା ଦେଖିବାକୁ ମିଳିଥାଏ । ପ୍ରେମ ସମ୍ପର୍କ ହେଉ ଅବା ସୁନ୍ଦରତା ସମୟେ ସମୟେ ସାରା ଆପେ ଲାଇମ୍ ଲାଇଟ୍‌କୁ ଚାଲିଆସନ୍ତି । ତେବେ କ୍ରିକେଟର ପିତା କିମ୍ବା କାହାର ପ୍ରେମିକା ଭାବେ ନୁହେଁ, ନିଜ ପ୍ରତିଭା ପାଇଁ ପରିଚିତ ହେବାକୁ ଚାହାନ୍ତି ସୁନ୍ଦରୀ ସାରା...

# ପ୍ରତିଭା ମୋ ପରିଚୟ

ସାରା ତେନ୍ଦୁଲକର ଓ କ୍ରିକେଟର ସମ୍ପର୍କ ଜନ୍ମରୁ । ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ଝିଅ ହେଉଛନ୍ତି ସାରା । ହେଲେ କେବଳ ସଚିନ ନୁହେଁ ସାରାଙ୍କ କ୍ରିକେଟ ସହିତ ରହିଛି ଅନ୍ୟ ଏକ ସମ୍ପର୍କ । ବର୍ତ୍ତମାନର ଭାରତୀୟ ଟିମର କ୍ୟାପ୍ଟେନ ଶୁଭମନ ଗିଲଙ୍କ ସହିତ ମଧ୍ୟ ତାଙ୍କ ନାଁକୁ ଯୋଡା ଯାଇଥାଏ । ଅନେକ ସମୟରେ ଉଭୟଙ୍କ ରିଲେସନସିପକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇଥାଏ । ବର୍ତ୍ତମାନ ଶୁଭମନ ନିଜର କ୍ରିକେଟ କ୍ୟାରିୟର ପାଇଁ ପ୍ରଶଂସା ସାଉଁଟୁ ଥିବାରୁ ପୁଣି ସାରା ତେନ୍ଦୁଲକର ଚର୍ଚ୍ଚାକୁ ଆସିଛନ୍ତି । ତେବେ କିଛି ସୋସିଆଲ ମିଡିଆ ପୋଷ୍ଟ ଅନୁସାରେ ଉଭୟଙ୍କର ବ୍ରେକଅପ ହୋଇଛି । କିନ୍ତୁ କେବେ ବି ଉଭୟ ଏହି ସମ୍ପର୍କକୁ ସର୍ବ ସମ୍ମୁଖରେ ଗ୍ରହଣ କରିନାହାନ୍ତି । ଏସବୁ ପରେ ସାରା ପିତା କିମ୍ବା କୌଣସି ସମ୍ପର୍କକୁ ନେଇ ନୁହେଁ, ବରଂ ନିଜ ପ୍ରତିଭାକୁ ନେଇ ପରିଚିତ ହେବାକୁ ଚାହାନ୍ତି ବୋଲି କହିଛନ୍ତି । ୧୯ ୯ ୭ରେ ସାରା ମହାରାଷ୍ଟ୍ରରେ ଜନ୍ମ ଗ୍ରହଣ କରନ୍ତି । ମୁମ୍ବାଇରେ ନିଜର ପାଠ ପଢା ସାରନ୍ତି ସାରା । ପାଠ ପଢା ସରିବା ପରେ ମଡେଲିଂରେ କ୍ୟାରିୟର କରିବାକୁ ଆଗ୍ରହ ଦେଖାନ୍ତି ସାରା । ଏହାସହ ବିଜ୍ଞାନ ପାଠରେ ମଧ୍ୟ ରୁଚି ରଖନ୍ତି ସାରା । ସେ ଜଣେ ନ୍ୟୁଟ୍ରିସନିଷ୍ଟ ମଧ୍ୟ । ତାଙ୍କର ପ୍ରଥମ ମଡେଲିଂ କ୍ୟାରିୟର ଏକ ବିଜ୍ଞାପନରୁ ଆରମ୍ଭ ହୁଏ । ଏଥିରେ ସେ ଏଜିଓ ପାଇଁ ବିଜ୍ଞାପନରେ ମଡେଲିଂ କରନ୍ତି । ୨୦୨୧ରେ ତାଙ୍କର ମଡେଲିଂ କ୍ୟାରିୟର ଆରମ୍ଭ ହୋଇଥିଲା । ଏହାସହିତ ସେ ମେବିଲିନ୍ ଓ ଲାକମେ ପାଇଁ ମଧ୍ୟ କାମ କରିଛନ୍ତି । ଏହାସହିତ ସେ ଅନେକ ବ୍ରାଣ୍ଡର ପ୍ରମୋସନ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ କରିଥାଆନ୍ତି । ସୋସିଆଲ ମିଡିଆରେ ତାଙ୍କର ଅନେକ ଫ୍ୟାନ ରହିଛନ୍ତି । ତାଙ୍କର ବ୍ୟବସାୟରେ ମଧ୍ୟ ଡେବ୍ୟୁ ସରିଛି । ତାଙ୍କର ଏକ ଅନଲାଇନ ଷ୍ଟୋର ମଧ୍ୟ ରହିଛି । ନିଜର ବ୍ୟବସାୟ ସହିତ ଏଭଳି କିଛି ସ୍କିନ କେୟାର ବ୍ରାଣ୍ଡ ରହିଛି ଯାହା ସହିତ ସାରା କାମ କରୁଛନ୍ତି । ଆଗକୁ ବ୍ୟବସାୟରେ ଖୁବ ଆଗକୁ ଯିବାକୁ ଲକ୍ଷ୍ୟ ରଖିଛନ୍ତି ସାରା ।